# ଛଟ ଉଜ୍ଜ୍ବଳ

Scanned under
Project Pothi

ପୋଥି

# ଦୃଗ ଉଚ୍ଛବଳ

କବି ବନମାଳୀ ଦାସ

# ଚାଟ ଇଚ୍ଛାବତୀ

## ପ୍ରଥମ ଛାନ୍ଦ ।

( ରାଗ-ମଙ୍ଗଳଗୁର୍ଜ୍ଜରୀ )

ବନ୍ଦଇ ଯେ ଗଣପତି ଗଉରୀ[୧] ନନ୍ଦନ ।
କପୋଳେ ଶୋଭଇ ତୋର ଶ୍ରୀଖଣ୍ଡ ଚନ୍ଦନ । ୧ ।
ଦକ୍ଷିଣ ଦ୍ୱାରେଣ ତୁ ସର୍ବଦାଂ ଅଧିପତି ।
ସୁମରନ୍ତେ ବିଘ୍ନ ତୁ ନିବାରୁ ଗଣପତି । ୨ ।
ସଦାଶିବ ତାତ ତୁମ୍ଭେ[୨] ପାର୍ବତୀ ନନ୍ଦନ ।
ମୋତେ ତୁ ପ୍ରସନ୍ନ ହୁଅ ବିଘ୍ନେଶ୍ୱର ପୁଣ । ୩ ।
ଚୃଠ ଇଚ୍ଛାବତୀ କଥା କହିବାକୁ ଇଚ୍ଛାଂ ।
ସୁସନ୍ନେ ସାରଳା ତୁ ପୁରଅ ମନ ବାଞ୍ଛା । ୪ ।
ଭୋଜରାଜା ନନ୍ଦନୀ ସୁନ୍ଦରୀ ଇଚ୍ଛାବତୀ ।
ଚୃଠ ସଙ୍ଗେ କେସନେକେ[୩] ହୋଇଲା ପୀରତି । ୫ ।
ଦ୍ରାପକ ଦେଶର[୪] ସେ ମଦନବ୍ରହ୍ମ ରାୟେ ।
ଚୃଠବ୍ରହ୍ମ ବୋଲି କରି ତାହାର ତନୟେ । ୬ ।

---

୧ । ଗଉରୀ ନନ୍ଦନ ହେବା ଅଧିକ ସଙ୍ଗତ । ୨ । ତୁମ୍ଭ ହେଲେ ଅର୍ଥ ଅଧିକ ସୁସ୍ପଷ୍ଟ ହେବ । ୩ । 'କେସନକେ' ପ୍ରୟୋଗ ପ୍ରାଚୀନ ଓଡ଼ିଆ କାବ୍ୟରୁ ମିଳେ ।

୪ । 'ଦର୍ପକ' ପାଠ ଥିବାର ପ୍ରମାଣ ପଣ୍ଡିତ ବିନାୟକ ମିଶ୍ରଙ୍କ ଓଡ଼ିଆ ସାହିତ୍ୟ ଇତିହାସରୁ ମିଳେ ।

ପ୍ରତ୍ୟକ୍ଷେ[5] ମଦନ କି ହୋଇଛନ୍ତି ଅବତାର ।
ବିଦ୍ୟାବନ୍ତ ରସିକ ସୁଜାଣ ଭଗ୍ୟ ଧୀର । ୭ ।
ଦାନେ ଖଣ୍ଡେ ନିର୍ବାଣ ଯେ ସାମର୍ଥ ଅଟଇ ।
ନୃପତିପଣକୁ[6] ନିଜ ରାଜ୍ୟକୁ ଖଟଇ । ୮ ।
ନନ୍ଦନର ବିଚକ୍ଷଣ ଦେଖି ନୃପବର[7] ।
ପାତ୍ର ମନ୍ତ୍ରୀ ଘେନି ରାଜା କଲେକ ବିଚାର । ୯ ।
କୁମାରକୁ କନ୍ୟା ଖୋଜି କର ବିଭାଧର ।
କୁଳୀନ ସୁନ୍ଦର ତା ସମାନେ[8] ପଟାନ୍ତର । ୧୦ ।
ସୁଜାଣ ମନ୍ତ୍ରୀ ବେଗେଣ ଦୂତ ବରଗିଲା ।
ଉତ୍ତର ଦକ୍ଷିଣ ଯେ ପଶ୍ଚିମ ଦିଗ ଗଲା । ୧୧ ।
ପୂର୍ବଦିଗକୁ ଜବେଣ ଦୂତ ଚଳିଗଲେ ।
ଯେ ଯାହାର ଦେଶେ ଦେଶେ ଯାଇଣ ଖୋଜିଲେ । ୧୨ ।
ବଂଶିକ[9] ଧାର୍ମିକ ଯେ କନ୍ୟାନ୍ତମାନ[10] ଲୋଡ଼ି ।
ଚିତ୍ରପଟ ଲେଖାଇଣ ଆସନ୍ତି ବାହୁଡ଼ି । ୧୩ ।
ଯେ ଯାହାର ଦେଶୁଂ ଆସି ମିଳିଲେକ ଚୂର ।
କନ୍ୟାଙ୍କ ବାରତା କହି ମନ୍ତ୍ରୀଙ୍କ ଆଗର । ୧୪ ।

---

୫ । ପ୍ରତେକ୍ଷେ (ପୋଥିପାଠ)

୬ । 'ନୃପତିପଣରେ' ଅଧିକ ସଙ୍ଗତ ।

୭ । ନୃର୍ପବର (ପୋଥିପାଠ) । ୮ । ତା ସମନ୍ୟୋ (ପୋଥିପାଠ)

୯ । ବଂଶିକ=ସଦ୍‌ବଂଶଜ । ୧୦ । କନ୍ୟାନ୍ତ=କନ୍ୟାମାନଙ୍କୁ, ଏପରି ପ୍ରୟୋଗ (ଦ୍ୱିତୀୟା ବହୁବଚନ ଅର୍ଥରେ) ପ୍ରାଚୀନ କାବ୍ୟରେହିଁ ଦେଖିବାକୁ ମିଳେ ।

ଶୁଣି ମନ୍ତ୍ରୀବର ରାଜା ସମ୍ମୁଖରେ ଜଣାଇଂ ।
ଦୂତ ବରଗିଣ କନ୍ୟା ଖୋଜିଲ ଗୋସାଇଂ । ୧୫ ।
ନୃପତି ବୋଇଲେ ମୃତ୍ୟୁବ୍ରହ୍ମକୁ ଅଣାଅ ।
ତାର ମନକୁ ଖଟିଲେ ବିଭା ଯେ କରାଅ । ୧୬ ।
ଶୁଣିକରି କୁମର ପାଶକୁ ଚଳିଗଲେ ।
ଯହୁଂ ଯେତେ କନ୍ୟା ନେଇ ଚିତ୍ରପଟ ଦେଲେ[୧୧] ।୧୭।
କୁମର ବୋଇଲ ଯେ ବିଦ୍ୟାରେ ଗୁଣବନ୍ତ ।
ସୁଜାଣ ସୁନ୍ଦରୀ ଯେତ୍କ ପଣ୍ଡିତ ମହତ୍ତ୍ୱ ଯେ । ୧୮ ।
ମୋର ମନ ହରିବ ଯେ ବିଦ୍ୟାରେ ଗରିଷ୍ଠ ।
ସୁନ୍ଦର ସୁମୂର୍ତ୍ତି[୧୨] କାମିନୀଙ୍କ ପରେ ଶ୍ରେଷ୍ଠ ଯେ । ୧୯ ।
ଏମନ୍ତ କନ୍ୟା ହୋଇଲେ ହୋଇବ ବରଣ ।
ସରୁପ[୧୩] କହିଲ ତୁ ସଚିବ ଏହା ଶୁଣ ହେ । ୨୦ ।
ଚିତ୍ରପଟମାନ ତା ନୟନେ ନ ରହିଲ[୧୪] ।
ଯେଣେ ମୋର ପ୍ରୟୋଜନ[୧୫] ନାହିଂ ଯେ ବୋଇଲ[୧୬]। ୨୧
ଯେସନ ବଚନ ଯେ ପାତ୍ରହିଂ ଶୁଣିଗଲ ।
ରାଜାଙ୍କ ଆଗରେ ଯାଇ[୧୭] ସମସ୍ତ କହିଲ । ୨୨ ।
ଶୁଣିଣ ମଦନବ୍ରହ୍ମ ମନରେ ବିସ୍ମୟେ[୧୮] ।
କୁଳକୁ କଳଂକ ପୁତ୍ର ହୋଇଲ ନିଷ୍ଠୟେ[୧୯] । ୨୩ ।

---

୧୧ । ଦେଲେହେଂ (ପୋଥିପାଠ)

୧୨ । ଶୁମୁର୍ତ୍ତି ( ପୋଥିପାଠ) । ୧୩ । ସ୍ୱରୂପ' ଶୁଦ୍ଧପାଠ ।

୧୪ । ନରହିଂ ଲିଂ ( ପୋଥିପାଠ) । ୧୫ । ପ୍ରିୟୋଜନ (ପୋଥିପ ଠ)

୧୬ । ବୋଇଂଲ (ପୋଥିପାଠ) । ୧୭ । ଯାଇଂ (ପୋଥିପାଠ) ।

୧୮ । ବିଶ୍ମୟେ ( ପୋଥିପାଠ ) । ୧୯ । ନିଶ୍ଚୟେ ( ପୋଥିପାଠ ) ।

ହେମନ୍ତ ବୋଲଇଣ କନ୍ୟା ସବୁଠାରେ ଖୋଜ ।
ନ ଦେଖିଣ କୁମର ମନକୁ ନ ଭଜ ହେ । ୨୪ ।
ଦଇବେଣ ଗୃହବ୍ରହ୍ମ ବଚନ ଅଟଇ ।
ସୁନ୍ଦର ପଣେଣ[20] କାମଦେବକୁ ଖଟଇ ହେ । ୨୫ ।
ହେମନ୍ତ କୁମର ମନ ହରିବ ଯେ ନାରୀ ।
ବିଧାତା ଗଢ଼ିଛି ତାହା[21] ଅତି ଯତ୍ନ କରି ହେ । ୨୬ ।
କନ୍ୟାମାନ ଯେତେଠାରୁ ଖୋଜିଣ ଆଣନ୍ତି ।
ଗୃହବ୍ରହ୍ମ ଚିତ୍ତକୁ ସେ କେହି ନ ଯୋଗାନ୍ତି ହେ । ୨୭ ।
ରାଜନ ମନରେ ତହୁଁ କୋପ ପ୍ରଜଳିତ[22] ।
ରାଜ୍ୟରୁ ବାହାର ହୋଇ ଯାଉଂ ମୋର ସୁତ ହେ । ୨୮ ।
ମୋ ତହୁଂ ଗରିଷ୍ଠ ଯେହୁଂ ମାହାରାଜାମାନେ ।
କୁଳୀନ ସମ୍ପତ୍ତି ଶୋଭା ଅତି ବଦ୍ୟମାନେ ହେ । ୨୯ ।
ଏମନ୍ତ ନୃପତି ଝିଅ ନରୁଚିଲା ଯହିଂ ।
ତାହାର ଇଚ୍ଛା ଯେ ବିଭା ହଉଂ ଯହିଂ ତହିଂ ହେ । ୩୦ ।
ହେମନ୍ତ ବଚନ ଯହୁଂ କୁମର ଶୁଣିଲା ।
ମନରେ ଅନେକ ଚିନ୍ତା ନଥିବ[23] ବୋଇଲା ହେ । ୩୧ ।
ମୋ ମନ ନ ଜାଣି ପିତା ବୋଇଂଲେ ହେମନ୍ତ ।
ଆନ ରାଜ୍ୟ ଯିବି ବୋଲି ବିଗୃରଇ ଚିତ୍ତ[24] ହେ । ୩୨ ।

---

୨୦ । ପଣେଂଣଂ ( ପୋଥିପାଠ) । ୨୧। ଏଠାରେ 'ତାହା' ବଦଳରେ 'ତାଙ୍କୁ' ହେବା ଅଧିକ ସଙ୍ଗତ । ୨୨ । ପ୍ରଜ୍ୱଳିତ ଶୁଦ୍ଧପାଠ ।

୨୩ । ଏ ପଦଟିର ଅର୍ଥ ଆଦୌ ସୁସ୍ପଷ୍ଟ ନୁହେଁ । ୨୪ । ତଉେଂହେ ପୋଥିପାଠ)

ଏମନ୍ତେ ଦିବସ ଯାଇ ନିଶି ପରବେଶ ।
ଗୃଚ୍ଛୁବ୍ରହ୍ମ ପାଇଅଚ୍ଛି ମନେ ବଡ଼ ପ୍ରାସ[୨୫] ହେ । ୩୩ ।
ରାଜ୍ୟ ସମ୍ପଦକୁ ତୁଚ୍ଛ ହାଥେ ଯେନି ଦଣ୍ଡ ।
ନବଚ୍ଛୁଂ ବାହାର ହୋଇ୍ୟେ ମନେ ପରଚଣ୍ଡ ହେ । ୩୪ ।
କିଚ୍ଛି ଧନ-ଦ୍ରବ୍ୟ-ରତ୍ନ ବସନେ ପୂରାଇ ।
ସୋମଲଡ଼ୁ ଭୋଖ ଲଡ଼ୁ ଯେନି ରାନ୍ଧେଣ ଗମଇ ହେ । ୩୫ ।
ସେଥୁ କଟକର ରାଜା ଏକ ଚକ୍ରବର୍ତ୍ତୀ[୨୬] ।
ସୁବୁଦ୍ଧି[୨୭] ପଣ୍ଡିତ ସେ ଧାର୍ମିକ ନରପତି ହେ । ୩୬ ।
ସାତଶ ବାଆନ କବି ଆସ୍ଥାନେ[୨୮] ବସନ୍ତି ।
ରାଜନ ପଣ୍ଡିତ ସେ ଉପାଧ୍ୟେ ଚକ୍ରବର୍ତ୍ତୀ ହେ । ୩୭ ।
ସେ ରାଜା କଟକେ ଗୃଚ୍ଛୁବ୍ରହ୍ମ ଯେ ପ୍ରବେଶି ।
ନଗ୍ର ପରିମଳ ଦେଖି ମନରେ ହରଷ ହେ । ୩୮ ।
ସୁବର୍ଣ୍ଣରେଖା ଯେ ନାମେ ନଦୀ ବିଦ୍ୟମାନ ।
ଦେଖି ଗୃଚ୍ଛୁବ୍ରହ୍ମ ତହିଁ କଲକ ସ୍ନାହାନ ଯେ । ୩୯ ।
ନିତ୍ୟକର୍ମ ସାରି ସେ ରାଉତ[୨୯] ବେଶ ଧରି ।
ଦିବାନିଶି ବୁଲଇ କଟକେ ଫେରି ଫେରି ହେ । ୪୦ ।
କରୁଣାକର ନାମେଣ ଏକ ଦ୍ୱିଜବର ।
ରାଜା ସିଂଘଦ୍ୱାରେ ତାଙ୍କ ଗୃହଶାଳୀ ଘର ହେ । ୪୧ ।

---

୨୫ । ପ୍ରାସ=କଷ୍ଟ, 'ପ୍ରାସ', 'ପରାସ' ଆଦି ପ୍ରାଚୀନ ପ୍ରୟୋଗ ଅଦ୍ୟାପି ମୁଖରୁ ଶୁଣାଯାଏ ।
୨୬ । ଚକ୍ରବର୍ତ୍ତୀ ( ପୋଥିପାଠ ) । ୨୭ । ସୁବୁଧି ( ପୋଥିପାଠ) ।
୨୮ । ଆସ୍ତାନେ ( ପୋଥିପାଠ )
୨୯ । ରାଉତ=ଅଶ୍ୱାରୋହୀ ସୈନ୍ୟ, ପ୍ରାଚୀନକାଳରେ ରାଜାମାନେ ବିଚକ୍ଷଣ ଯୋଦ୍ଧାଙ୍କୁ 'ରାଉତ' ଉପାଧିରେ ଭୂଷିତ କରୁଥିଲେ ।

ଇଚ୍ଛାବତୀ କୁମାରୀଙ୍କ ବିଦ୍ୟା ପଢ଼ାବନ୍ତି ।
ଶାହାସ୍ତ୍ର ସଙ୍ଗୀତ ବିଦ୍ୟାମାନ ଶିଖାବନ୍ତି ହେ । ୪୨ ।
ଅଷ୍ଟାଦଶ ପୁରାଣ ସୁମୃତି[୩୦] କରି ଆଦି ହେ ।
ଯେ ଯାହା ଲୋଡ଼ଇ ସେ ଯେ ବିଦ୍ୟାରେ ସମ୍ପାଦ ହେ ।୪୩
ଦେଖିଲେକ ଭୋଜରାଜା ଝିଅ ଇଚ୍ଛାବତୀ ।
ପଢୁଅଛୁ କୋଟିଏ ଚନ୍ଦ୍ରମା ଜିଣି[୩୧] ଜ୍ୟୋତି ହେ । ୪୪ ।
ତାହା ଦେଖି ଗୁରୁବ୍ରହ୍ମ ଧୈର୍ଯ୍ୟ ଉଡ଼ିଲା ।
ଚନ୍ଦ୍ରକୁ ଦେଖିଣ ଚନ୍ଦ୍ରମଣି ଝଟକିଲା ହେ । ୪୫ ।
ନ ଚଳଇ ନୟନ ଅଧିର ତାର କାୟେ ।
ଇଚ୍ଛାବତୀ ବିଦ୍ୟାସାରି କୁମରଙ୍କୁ ଚାହେଁ ହେ । ୪୬ ।
ବିଚକ୍ଷଣ ଦେଖି ତାକୁ ପଚାରନ୍ତି ଗୁରୁ ।
କାହାର ନନ୍ଦନ ତୁ ଅଇଲୁ କେତେ ଦୂରୁ । ୪୭ ।
ସରୂପ[୩୨] କରି କହ ନକର ମନେ ଭ୍ରାନ୍ତି ।
ନୃପତି ନନ୍ଦନ ତୁକି ଅଟୁ ନରପତି ଯେ । ୪୮ ।
ଶୁଣି ଦ୍ରହସିତ[୩୩] ହୋଇ କହଇ କୁମର ।
ସାବଧାନେ ଶୁଣ ଗୁରୁ ମୋହର[୩୪] ଉତ୍ତର ହେ । ୪୯ ।
ଦ୍ରାପକ ଦେଶର ଯେ ମଦନ ବ୍ରହ୍ମ ରାୟେ ।
ତାହାଂକର ପାଳର ମୁଂ ଅଟଇ ତନୟେ ହେ । ୫୦ ।

---

୩୦ । ସୁମୃତି=ସ୍ମୃତି ଅର୍ଥରେ । ପ୍ରାଚୀନ କାଳରେ ବାଳକ ବାଳିକା ନିର୍ବିଶେଷରେ 'ସ୍ମୃତି' ଶାସ୍ତ୍ର ପାଠ ଶିକ୍ଷାର ଏକ ବିଶେଷ ଅଙ୍ଗ ଥିଲା ।
୩୧ । ଚନ୍ଦ୍ରମା ଜାଣି ଜ୍ୟୋତି ( ପୋଥିପାଠ )
୩୨ । ସରୂପ=ବିସ୍ତୃତ ଭାବରେ ।
୩୩ । ଦ୍ରହସିତ=ଦରହସିତ ପଦର ପଦ୍ୟଭାଷା ।
୩୪ । ମୋହୋର ( ପୋଥିପାଠ )

ସେ ନଗ୍ର ସୁବାହୁ ରାଜା ଝୁର[୩୫] କରି ନେଲା ।
କେହୁ ପଲାଇଲା କେହୁ ଯୁଦ୍ଧରେ[୩୬] ପଡ଼ିଲା ହେ ।୫୧।
ପିତା ମୋର ମହାକ୍ଷତ୍ରି ଯୁଦ୍ଧରେ ପଡ଼ିଲା ।
ତେଣୁଂ କରି ଅଇଲି ମୁଂ ବୋଲଣ ବୋଇଲା ହେ । ୫୨ ।
ମହାରାଜା ଭୋଜ ଯେ ଉପାୟୁ ଚକ୍ରବର୍ତ୍ତୀ ।
ଅନେକ ହୁଟୁଂ ଶୁଣିଲି ଯେହ୍ନାଂକର କୀର୍ତ୍ତି[୩୭] ହେ । ୫୩ ।
ମୋତେ ଯେ ପୋଷିବ ତାକୁ ସେବା କରୁଥିବି ।
ଯେ ଯାହା କହିବ ମୁହିଂ କାର୍ଯ୍ୟ ସେ କରିବି ହେ । ୫୪ ।
ଗୁରୁଯେ ବୋଇଲେ ବାବୁ ଶୁଣ ମୋ ବଚନ ।
ଆମ୍ଭ ଘରେ ଅନ୍ନ[୩୮] ପାଣି କରିବ ଭୋଜନ । ୫୫ ।
କେମନ୍ତ ପ୍ରକାରେ ତୁମ୍ଭେ ନେମ[୩୯] ଦିନକାଳ ।
ଆମ୍ଭର ଆଗରେ ଫେଡ଼ି କହ ତୁ ନକର ହେ । ୫୬ ।
କୁମର ବୋଇଲା ତୁମ୍ଭେ ଶୁଣ ଧର୍ମତାତ ।
ମୁହିଁ ଧର୍ମପୁତ୍ର ସେବା କରିବି ନିଅନ୍ତ ହେ । ୫୭ ।
ଗୁରୁଯେ ବୋଇଲେ ତୋର ପିତା ମାତା ଶୂନ୍ୟ ।
ଆଜହୁଂ ହୋଇଲୁ ମୋର ଧର୍ମର ନନ୍ଦନ ହେ । ୫୮ ।
ତନବେଳ ଭୁଞ୍ଜି ପଢୁଥିବ ଇଚ୍ଛା ତୁଲେ ।
ଧର୍ମ ଗୃଷ୍ଟ ବିଦ୍ୟା ତୈର ଗୁରୁ ନାମ ଦେଲେ ହେ । ୫୯ ।
ଏହା ଶୁଣି ଇଚ୍ଛାବନ୍ତି ମନରେ ହରଷ ।
ସଙ୍ଗକୁ ପାଇଲି ମୁହିଂ ସୁଜାଣ ପୁରୁଷ ହେ । ୬୦ ।

---

୩୫ । ଝୁର (ପୋଥିପାଠ) ଜୁର=ବଳାତ୍କାରରେ ଅପହରଣ କରିବା ।
୩୬ । ଯୁଧ (ପୋଥିପାଠ) । ୩୭ । କଡ଼ (ପୋଥିପାଠ) କିନ୍ତୁ 'କୀର୍ତ୍ତି' ହେବା ସଙ୍ଗତ । ୩୮ । ଅଣ୍ଣଂପାଣି (ପୋଥିପାଠ) । ୩୯ । ନେମ=ନେବ ।

ପଢ଼ାଇଂ ସାରିଣ ଗୁରୁ ନିଜ ଗୃହେ ଗଲେ ।
ଆପଣା ମନ୍ଦିରେ ଯାଇଂ ପ୍ରବେଶ ହୋଇଲେ । ୬୧ ।
ପାଣି ଝଟି ହସ୍ତେ ଧରି ବ୍ରାହ୍ମଣୀ ବାହାର ।
କୁମରକୁ ଦେଖିକରି ପୁଚ୍ଛଇ ଉତ୍ତର ସେ । ୬୨ ।
ଅପୂର୍ବ କୁମର ଗୋଟି କାହିଁ ଘେନି ଅଇଲ ?
ପଣ୍ଡାଏ ବୋଇଲେ ଯେହ୍ନା ମାତା ପିତା ମଲ । ୬୩ ।
ଆହ୍ମଙ୍କୁ ସେ ହୋଇଲା ଯେବେ ଆହ୍ମର ନନ୍ଦନ ।
ଧର୍ମ ପୁତ୍ର ପଣେ ଯେବେ ପାଳିବା ନନ୍ଦନ । ୬୪ ।
ଶୁଣିକରି ପଣ୍ଡିଆଣୀ ହରଷିତ ହୋଇଲେ ।
ପୁତ୍ରର ସମାନେ[୪୦] ତାଙ୍କୁ ପ୍ରତି ଯେ ପାଳିଲେ ଯେ । ୬୫ ।
ପିଠାପଣା ପଇଡ଼ ଗୋଟିକା ଦୁଧ ସର ।
ପଂଚାମୃତ ଯୋଗାଡ଼ ସେ କଲେକ ଆହାର । ୬୬ ।
ଭୁଞ୍ଜିଣ କୁମର ମନେ ଅନେକ ସନ୍ତୋଷ ।
ଧର୍ମ[୪୧] ପୁତ୍ର ପଣେ ରହିଲେ ଗୁରୁ ପାଶ ହେ । ୬୭ ।
ରଜନୀ ପ୍ରକାଶ ହୋନ୍ତେ ଉଦେ ଦିନକର ।
ନିତ୍ୟକର୍ମ ସାରି ଗୃହେ ବିଦ୍ୟାକୁ ବାହାର ହେ । ୬୮ ।
ହସ୍ତେ ଖଡ଼ି ଘେନିଣ କୁମର ଚଳିଗଲା ।
ଓଝାଂଙ୍କ ବଚନେ ଇଚ୍ଛା ପାରୁଛେ ପଢ଼ିଲା । ୬୯ ।
ମୃଦୁସୁଲୀ[୪୨] ହକାରିଣ ଗୁରୁ ଆଜ୍ଞାଂ ଦେଲେ ।
ଯେତେ ବେଳ ଯାଏଁ ଇଚ୍ଛା ପଢ଼ିବ ନଇଲେ ହେ ।୭୦।
ଆଜ୍ଞାଂ ପାଇ ମୃଦୁସୁଲୀ ଚଳିଗଲା ଝରେ ।
ତ୍ୱରିତେ କହିଲା ଯାଇ ଇଚ୍ଛାର ସମ୍ମୁରେ ଯେ । ୭୧ ।

---

୪୦ । ସମାନ୍ୟେ (ପୋଥିପାଠ) । ୪୧ । 'ଧରମ ପୁତ୍ର' ହେଲେ ।
୪୨ । ମୃଦୁସୁଲୀ=ଅନ୍ତପୁର ଦାସୀ ।

ଯେତେବେଲ ଯାଏଁ ମାଗୋ ପଢ଼ିତ ନଗଲ;
ଗୁରୁ ଚଳୁଛନ୍ତ[୪୩] ବେଗ[୪୪] କର ଯିବା ଗୃଲ ଗୋ ।୭୨।
ମୋଣୋହ୍ମି[୪୫] ସାର ଗୋ ମାଯେ ଚଳିଯିବା ଖରେ ।
ଅପୂର୍ବ କୁମର ଅଛୁ ଗୁରୁର ସଂଗରେ ଗୋ । ୭୩ ।
ଶୁଣିଣ କୁମାରୀ ଯେ ହସ୍ତରେ ଖଡ଼ି ଧେନ,
ଗୃହଶାଳୀ ପୁରେ ଯାଇ ମିଳିଲେ ତରୁଣୀ ଯେ[୪୬] । ୭୪ ।
କୁମରକୁ[୪୭] ଦେଖିଲ ନବୀନ କାମ ପ୍ରାଯେ ।
ମଦନ ଆରତେ କମ୍ପେ[୪୮] ଅଥିର ତା କାଯେ ଯେ । ୭୫ ।
ମନେ ମନେ ପୁଣି ରମା କରଇ ବଚୃର ।
ମୋହୋର ସାଦ୍ରିଂଶ[୪୯] ଆସି ମଳିଲକ ବର ଯେ ।୭୬।
ଇଛାଯେଂ ବରିବି ବୋଲି ମନେ କଲା ଇଛା ।
ସିଦ୍ଧକର[୫୦] ଧାତା ଯେ ମୋହୋର ମନବାଞ୍ଛା ହେ ।୭୭।
ଯେତେ ବୋଲି ଇଛାବତୀ ପଢ଼ିଣ ବସିଲେ ।
ଶ୍ରୀ[୫୧] ଆଦେବୀ ଲେଖିଣ ଗୁରୁଙ୍କୁ ମାନ୍ୟ କଲେ ହେ ।୭୮।
ମନବାଞ୍ଛା ସିଧ ହଉ ବୋଲିଣ ବୋଇଲେ ।
ଗୃହକୁ ସଂଗତେ ଧେନ ପଢ଼ିଣ ବସିଲେ ହେ । ୭୯ ।

---

୪୩ । ଚଳୁଛନ୍ତ = ବିରକ୍ତ ହେଉଛନ୍ତି । ୪୪ । ବେଗକର = ଶୀଘ୍ର ।
୪୫ । ଶୁଦ୍ଧପାଠ ମଣୋଷ୍ଟ ଅର୍ଥାତ୍ ରାଜ ପରିବାର ଲୋକ ।
୪୬ । ଗୋ (ପୋଥିପାଠ) କରୁ 'ଯେ' ହେବା ସଙ୍ଗତ ।
୪୭ । କୁମକୁ (ପୋଥିପାଠ) ୪୮ କମ୍ପେ (ପୋଥିପାଠ)
୪୯ । ସଦୃଶ ଅର୍ଥରେ ବ୍ୟବହୃତ ।
୫୦ । ପୋଥିରେ ଏହି ପଦଟି 'ଯେ ମୋହୋର ମନବାଞ୍ଛା ସିଦ୍ଧକର ଧ ତାହେ' ବୋଲିଅଛି । ୫୧ । 'ଶ୍ରୀ' ଶବ୍ଦ ଲକ୍ଷ୍ମୀ ଓ ସରସ୍ୱତୀ ଅର୍ଥରେ ବ୍ୟବହୃତ ହୁଏ ।

ବିଦ୍ୟା ପଢ଼ିବାକୁ ଗୃହେ ନବଲାଇ[୫୨] ମନ;
ନରେଶ ଗୃହଂକୁ ଯେବେ କୁମାରୀ ବଦନ ଯେ । ୮୦ ।
ଓଝାଙ୍କ ସମ୍ମୁଖରେ ଇଚ୍ଛା ବୋଲଇ ଗୋସାଇଁ ।
କାହାର ନନ୍ଦନ ଯେବେ ଅଇଲେ କାହିଁପାଇଁ ଯେ । ୮୧ ।
ଓଝା ଯେ ବୋଇଲେ ତୁମେ ଶୁଣ ଜେମାଦେଈ ।
ଆମ୍ଭର ସେ ଧର୍ମ ପୁତ୍ର ତୁମ୍ଭ ଗୁରୁ ଭାଇ ଗୋ । ୮୨ ।
ଯେବେହା ଶୁଣି ଇଚ୍ଛାବତୀ ସନ୍ତୋଷ ହୋଇଲା ।
କୁମର ସଙ୍ଗତେ ବିଦ୍ୟା ପରୀକ୍ଷ ସେ କଲା ଯେ । ୮୩ ।
ସାହିତ[୫୩] ସଙ୍ଗୀତ ବିଦ୍ୟା ବାକ୍ୟ ପଢ଼ିରନ୍ତି ।
ଦୁହେଁ ଦୁହିଂକ ବିଦ୍ୟାରେ ସମାନ[୫୪] ଅଟନ୍ତି ଯେ । ୮୪ ।
ଯେହିମତ ନିତିଦିନ ବିଦ୍ୟା ପଢ଼ୁଥାନ୍ତି ।
ଦଇବ ସୁ ରୂପ ଯାହା ଭେଟାଇ ଅଛନ୍ତି ହେ । ୮୫ ।
କୁମାରୀ କୁମର ମନେ ଅଭେଦ ପୀରତି ।
ଦଣ୍ଡେ ନ ଦେଖିଲେ ଦୁହେଁ କ୍ଷଣେ ନିବ୍ରତନ୍ତି[୫୫] ହେ ।।୮୬

କରୁଣାସାଗର ପ୍ରଭୁ କମଳଲୋଚନ ।
କହେ ବନମାଳୀ ମୋର ଦୋଷ ଯେ ନଧେନ ହେ ।

---

୫୨ । ନବଲଇ (ପୋଥିପାଠ) ।
୫୩ । ଶାକ୍ଷିତ (ପୋଥିପାଠ) । ୫୪ । ଶମାନ୍ୟ (ପୋଥିପାଠ) ।
୫୫ । ନିବ୍ରତନ୍ତି = ବ୍ୟାକୁଳ ହୁଅନ୍ତି ।

# ଦ୍ୱିତୀୟ ଛାନ୍ଦ

ରାଗ—ବରାଡ଼ି

ବନ୍ଦଇଂ ଯେ ଗଣପତି ଗଉରୀର ବାଳ
ଶ୍ରୀଖଣ୍ଡି ଚନ୍ଦନ ତୋର ଶୋହଇ କପୋଳ ।
ଦକ୍ଷିଣ ଦ୍ୱାର ମଣ୍ଡନ ସଦାଶିବ ସୁତ ।
ମୋତେ ତୁ ପ୍ରସନ୍ନ ହୁଅ ଦେବ ଗଣନାଥ । ୨ ।
ଅନୁଗ୍ରହ[୧] କର ମୋତେ ପାର୍ବତୀ ତନୟେ ।
ଗୃଣ୍ଠଇଚ୍ଛାବତୀ କଥା କରିବ ଉପାୟେ । ୩ ।
ଯେମନ୍ତେଣ ବେନିଜଣ ପଢୁଥାନ୍ତି ନିତ ।
ପଢ଼ନ୍ତି ସକଳ ବିଦ୍ୟା ଗୁରୁଙ୍କ ସଙ୍ଗତ ।
ଯେକଦିନେ ଇଚ୍ଛାବତୀ ପଢ଼ିବାର ବେଳେ ।
ହସ୍ତରୁ ଖସିଲା ଖଡ଼ି ଗଡ଼ିଗଲା ତଳେ । ୫ ।
ବୋଲଇ କୁମାରୀ ତୁମ୍ଭେ ଶୁଣସି ହେ ଗୃଣ୍ଠ ।
ଖଡ଼ି ଗୋଟି ପଡ଼ିଗଲା ଦିଅ ମୋର ହସ୍ତ । ୬ ।
ଇଚ୍ଛାର ବଚନେ ଗୃଣ୍ଠ ବୋଲଇ ଉତ୍ତର[୨] ।
ଖଡ଼ି ଯେବେ ତୋଳି ଦେବି ସତ୍ୟ ମୋରେ କର । ୭ ।
ଗୃଣ୍ଠର ବଚନେ ବାଳୀ କଲା ସନମତ ।
ଖଡ଼ି ଗୋଟି ତୋଳିଦିଅ ହେଲା ମୋର ସତ୍ୟ । ୮ ।
ଯେମନ୍ତ ବୋଲଣ ଗୃଣ୍ଠ ଓହ୍ଲାଇଣ[୩] ଗଲା ।
ଖଡ଼ିଗୋଟି ତୋଳି ଇଚ୍ଛାବତୀ କରେ ଦେଲା । ୯ ।

---

୧ । ଅନୁଗ୍ରହ (ପୋଥିପାଠ) । ୨ । ଉତ୍ତର ( ପୋଥିପାଠ ) ।
୩ । ଓହ୍ଲାଇଣ । ( ପୋଥିପାଠ ) ।

ପଡ଼ନ୍ତ ହରଷେ ତହିଂ ନୃପତି କୁମାରୀ
ମଣୋହ୍ନାଂ ନମନ୍ତେ ବାମା ଗଲ ଝର କର । ୧୦ ।
ଗୃଧ୍ର ଭୁଞ୍ଜି ଶଗଲ ଗୁରୁଙ୍କ ସଙ୍ଗରେ ।
ମୋଣୋହ୍ନାଂ ସାରଣି ବାମା ଗଲ ଧାଡକାରେ[4] ।୧୧।
ବଗୃରଇ କାହିଁକି ସେ କରାଇଲ ସତ୍ୟ ।
ଯେହନ ବଗୃରି ବାମା ଗମଇଂ ତୁରିତ । ୧୨ ।
ଗୃଧ୍ରଶାଳୀ କୋଣ ବାଳୀ ଅଛୁ ଗୋପ୍ୟ ହୋଇ ।
ଯେସନ ସମୟେ ଗୃଧ୍ର ମିଳିଗଲେ ଯାଇ । ୧୩ ।
କେହି କେଣେ ନାହିଂ ବୋଲି ଗୃହିଁଲ ନରେଖି ।
ପଛଆଡ଼େ ଥାଇ ଇଚ୍ଛା ବୁଜିଲକ ଆଖି । ୧୪ ।
ନଜାଣଇ କସ୍ୟେ ତୁମ୍ଭେ କହ ବୋଲି ଗୃଧ୍ର ।
ନ ଛାଡ଼ଇ ଇଚ୍ଛାବତୀ ଉଚ୍ଛୁଡ଼ଇ ହସ୍ତ । ୧୫ ।
ଛଡ଼ାଇ ନ ପାରି ଗୃଧ୍ର ହୋଇଲା ନସତ[6] ।
ନ ଛାଡୁ ବୋଲଣ ତୋତେ ମୋହର ସପଥ । ୧୬ ।
ଯେସନ ସମୟେ ହସ୍ତ କାଟିଲ ତୁରିତ ।
ନେଉଟି ଗୃହିଁଲା ପଛେ ନୃପତି ଦୋହିତ । ୧୭ ।
ହସ ହସ ହୋଇ ବାଳୀ ବୋଲଇ ଉତ୍ତର ।
ସ୍ୱରୂପ କରଣ ଗୃଧ୍ର କହ ମୋ ଅଗର । ୧୮ ।
ବୋଲନ୍ତି କୁମାରୀ ତୁମ୍ଭେ ଶୁଣସି ହୋ ଗୃଧ୍ର,
ଝଡ଼ ତୋଳି ଦେଲା ବେଳେ କରାଇଲ୍ସ ସତ୍ୟ । ୧୯ ।

---

୪ । ଧାଡକାରେ=ଶୀଘ୍ରେ, "ଦାରୁକ ବାହା ଧାଡକାରେ" 'ଭାଗବତ'
୫ । ଉଛୁଡ଼ଇଂ=ବଳାତ୍କାରେ ଛଡ଼ାଇ ।
୬ । ନସତ=ବଳହୀନ ।

କହତ ସ୍ୱରୂପ ଗୃଷ୍ଠ ଗୁପତ ନକର ।
ନ କହୁଣ ବୋଲଣ ତୋତେ ସପତ ମୋହର । ୨୦ ।
ଇଚ୍ଛାର ବଚନେ ଗୃଷ୍ଠ ମଉନ ହୋଇଲ ।
ମନକୁ ସଂକୋଚ କରି ଉତ୍ତର ନ ଦେଲ । ୨୧ ।
ମନେ ମନେ ଭାଳୁଅଛୁ କି କହିବ[୭] ବୋଲି ।
ନ-ଜାଣିଣ ଅନମିତେ[୮] ସତ୍ୟ କରାଇଲି । ୨୨ ।
ଯୁଗତେ ଅଟଇ ସେ ଯେ ନୃପତି କୁମାରୀ,
ଲୋକତ[୯] ଦେଖରେ ମୁହିଁ ଅଟଇ ଭିକାରୀ । ୨୩ ।
କହିଲେହେଁ ପୁଣି ମୋତେ କରୁଥାଇ ରାଗ ।
କି ବୋଲି କହିବି ମୁହିଂ ଇଚ୍ଛାବତୀ ଆଗ । ୨୪ ।
ନୃପତି ଶୁଣିଲେ ନିକି ଜିଆଇବେ ମୋତେ ।
କୁମାରୀ ଆଗରେ ମୁହିଂ କହିବି କେମନ୍ତେ । ୨୫ ।
ସରୂପ କହିଲେ ମୋତେ ଯାହା ଇଚ୍ଛା କରୁ ।
ଇଚ୍ଛାବତୀ ହେତୁରେ ମୋ ସମ୍ପଦଇ ସରୁ । ୨୬ ।
ଏସନ ବିପ୍ରର ଗୃଷ୍ଠ ବୋଲଇ ବଚନ ।
ଯାହା ପଚାରିଲୁ ଇଚ୍ଛା ସାବଧାନେ[୧୦] ଶୁଣ । ୨୭ ।
ଯେଉଁ ଦିନୁ ସଂଗେ ତୋର ପଢୁଥାଇ ବସି ।
ଅହନିଶି ଗୁଣୁଥାଇ ମନେ ଶୁଭ୍ରକେଶୀ । ୨୮ ।
ତୁ ମୋର ଭବାନୀ[୧୧] ହେବୁ ମୁହିଁ ତୋର ନାହା
ନିରନ୍ତରେ ହୃଦେ ମୋର ଭାବୁଥାଇଂ ଯେହା । ୨୯ ।

---

୭ । 'କି କହିବ' ହେବା ସଙ୍ଗତ ।
୮ । ଅନମିତ୍ତେ (ବିନା ଉଦ୍ଦେଶ୍ୟରେ) ଶୁଦ୍ଧ ପାଠ ।
୯ । ଲୋକତ=ଲୌକିକ । ୧୦ । ସାବଧାନେ (ପୋଥିପାଠ)
୧୧ । ଭାବାନୀ (ପୋଥିପାଠ)

ଏହାଶୁଣି ଇଚ୍ଛାବତୀ ହୋଇଲା ସନ୍ତୋଷ ।
ହସ୍ତଧର ଗୃହକୁ ସେ ବସାଇଲା ପାଶ । ୩୦ ।
ଯାହା ତୁ ବୋଇଲୁ ଗୃହ ଚିନ୍ତା ତୁ ନ କର ।
ନିଶ୍ଚଏଂ ଭାବନୀ ମୁହିଁ ହୋଇବ ତୋହୋର । ୩୧ ।
ତୋତେ ମୋତେ ଧାତା ଆଣି କରାଇଂଛି[୧୨] ଭେଟ ।
ଏ କଥାକୁ ମନେ କିଛି ନ ଧର ତୁ ଗୃହ । ୩୨ ।
ମୋହର ସାଦୃଶେଂ[୧୩] ଧାତା ବର ଆଣି ଦେଲା ।
ମୁହିଂ ନାରମାଖୀ ବୋଲି ତୋତେ ଭେଟାଇଲା । ୩୩ ।
ଇଚ୍ଛାଙ୍କ ବଚନେ ଗୃହ ବୋଲେ ଅନୁସର ।
ମୁହିଂ ଭିକ୍ଷାବାସୀ ତୁମ୍ଭେ ନୃପତି କୁମାରୀ । ୩୪ ।
ଗୁରୁଙ୍କର ଠାରୁ ମୁହିଂ ମାଗି ଖାଇଂ ଅନ୍ନ[୧୪] ।
ନିର୍ଧନ ପୁରୁଷ ମୋର ହାତେଂ[୧୫] ନାହିଁ ଧନ । ୩୫ ।
ପିଙ୍ଗଳର ବସ୍ତ୍ରଟାରୁ ଗୁରୁଦଏନ୍ତି ମୋତେ ।
ସରୂପ ବଚନ ବାମା କହିଲଇଁ ତୋତେ । ୩୬ ।
ନିଦ୍ରବ୍ୟ ପୁରୁଷ ମୁହିଂ ମହାଦୁଃଖେ ଦୁଃଖୀ ।
ମୋହୋର କଷ୍ଟକୁ ଏକା ଧର୍ମହିଂ ସେ ସାକ୍ଷୀ । ୩୭ ।
ଗୃହର ବଚନେ ଇଚ୍ଛା କହେ ପରିଧାଇ ।[୧୬]
ଏମନ ଅଭିନ[୧୭] ମନେ ଧରୁ କାହିଂ ପାଇଂ । ୩୮ ।

---

୧୨ । କାରାଇଂଛି (ପୋଥିପାଠ) ।
୧୩ । ସାଦ୍ରୀସେ (ପୋଥିପାଠ)
୧୪ । ଅନ୍ତ ( ପୋଥିପାଠ ) । ୧୫ । ହାଥେ (ପୋଥିପାଠ) ।
୧୬ । ପରିଧାଇ—ଦୃଢ଼ଭାବରେ, 'ଅସୁରେ ଲେଖେ ଶର ମାରନ୍ତି ପରିଧାଇ'
"ନୃସିଂହପୁରାଣ" ।
୧୭ । ଅଭିନ—ଭେଦଭାବ ଅର୍ଥରେ ବୋଧହୁଏ ବ୍ୟବହୃତ ହୋଇଛି ।

ତୁମ୍ଭେ ଯେ ବୋଇଲ ମୁହିଁ ନିଧନ ପୁରୁଷ ।
ପୀରତିଧନ ଯେ ଥାଉଁ କରିବାଟି କିସ ? ୩୯ ।
ମହତ ବଚନ ଦୃଢ ପାଷାଣର ଗାର ।
ନିଧନ ତୁ ଅଟୁ ମୋତେ ଅମୂଲ୍ୟ ଭଣ୍ଡାର । ୪୦ ।
ଯେଣୁ ଛାର ଜୀବନ ମୋର ଥିବ କେତେ ଦିନ ।
ତୁ ମୋର ଜୀବନ ମୁହିଁ କି କରିବି ଧନ । ୪୧ ।
ଗୁଁଆର[୧୮] ଯୁବତୀ ସିନା ଧନକୁ ମଣ୍ଡଇ[୧୯] ।
ସୁଜାଣ ସୁନ୍ଦରୀ ପ୍ରୀତି ପାଇଁ ଜୀବ ଦେଇ । ୪୨ ।
ମୁହିଁ ଯେବେ ପୂର୍ବେ ସେବା କରିଥିବି ହର ।
ତେବେ ସିନା ଦୃଢ ଚୋର ଧରିବାଇଁ କର । ୪୩ ।
ତୋତେ ମୋତେ ଧାତା ଆଣି କରିଛି ଘଟଣ ।
ମିଛ ନୋହେ ମୋତେ ମାତାପିତାଙ୍କର ରଣ । ୪୪ ।
ଇଚ୍ଛାର ବଚନେ ଦୃଢ ପରମ ସାନନ୍ଦ ।
ହୃଦଗତେ ସୁମରଇଁ ଶ୍ରୀରାମ ଗୋବିନ୍ଦ । ୪୫ ।
ହସି କୋଳାଗ୍ରତ କଲ ନୃପତି କୁମାରୀ ।
ଦୃଢ କଣ୍ଠେ ଲମ୍ବାଇଁଲା ନେଇ ପୁଷ୍ପମାଳୀ । ୪୬ ।
ବେନି ଜଣେ ଯେଣୁକ ଠାବେ ପାଶେ ନାହିଁ କେହି ।
ଦରିଦ୍ରରେ କୋଟି ଧନ ଅନ୍ଧ ଚକ୍ଷୁ ପାଇ । ୪୭ ।
ଯେଣୁସନ୍ତ ସମୟେ ଗୁରୁ ମିଳିଗଲେ ଯାଇ ।
ଦେଖିଣ ପଡି ବସିଲେ ମହା ସୁଖ ପାଇ । ୪୮ ।

---

୧୮ । ଗୁଁଆର—ମୂର୍ଖ, ବୁଦ୍ଧିହୀନ ।

୧୯ । 'ମଣ୍ଡଇ' ଏଠାରେ 'ମଜ୍ଜଇ' ଅର୍ଥରେ ବ୍ୟବହୃତ ହୋଇଅଛି ।

ସେହି ଧନୁ ବେନି ଜନେ ଏକଚିତ୍ତ ମନ ।
ଯାହା ସେଥି ପ୍ରଜାପତି କରିଛନ୍ତି ଲେଖନେ । ୪୯ ।
ଏକମୁଖ ହୋଇ ଦୁହେଁ ବିଦ୍ୟା ପଢୁଥାନ୍ତି ।
ଚନ୍ଦ୍ରକୁ ଦେଖିଣ ଚନ୍ଦ୍ରମଣି ଝଟକନ୍ତି । ୫୦ ।
ଦଣ୍ଡେ ନ ଦେଖିଲେ ପ୍ରାଣ ନ ରହନ୍ତି କେହି ।
ବେନି ଜନଂକର ସେ ଅଟଇ ଏକ ଦେହୀ । ୫୧ ।
ଏମନ୍ତ ପ୍ରକାରେ ସେ କେତେହେଂ ଦିନଗଲା ।
ଦଇବେଣ ଗଣେଶ୍ୱର ଚଉଠୀ ପଡ଼ିଲା । ୫୨ ।
ଚୃଟକୁ ହକାରି ଗୁରୁ ବୋଲନ୍ତି ବଚନ ।
ପୂଜା କରିବାକୁ ଫଳ ପୁଷ୍ପ ତୋଳି ଆଣ । ୫୩ ।
କରପଦ୍ମ ଯୋଡ଼ି ଚୃଟ ବୋଲଇ ଉତ୍ତର ।
ମୁଂ ଏକା କେମନ୍ତେ ଯିବି ସଂଗେ ଜଣେକର[20] । ୫୪ ।
ଶୁଣିକରି ଗୁରୁ ତାଙ୍କୁ ନ ଦେଲେ ଉତ୍ତର ।
ଓଝାଂକ ସମ୍ମୁଖରେ ଇଚ୍ଛା ଯୋଡ଼ି ବେନି କର । ୫୫
ମୋତେ ପଠିଆଅ ମୁହିଂ ଚୃଟ ସଙ୍ଗେ ଯିବି ।
ଫୁଲ ଫଳ ତୋଳି କରି ମୁହିଂ ଆଣି ଦେବି । ୫୬ ।
ଓଝାଏ ବୋଇଲେ ତୁମ୍ଭେ ଯାଅ ଫୁଲ ତୋଳି ।
ଶୁଣିଣ ଆନନ୍ଦ ହେଲା ଇଚ୍ଛାବତୀ ବାଳୀ । ୫୭ ।
ଚୃଟ ଇଚ୍ଛାବତୀ ଦୁହେଁ ଚଳିଗଲେ ଖରେ ।
ପ୍ରବେଶ ହୋଇଲେ ଯାଇ ତୋଟାର[21] ଭିତରେ ।୫୮ ।

---

୨୦ । ସଙ୍ଗେ ଜଣେକର— ଅର୍ଥାତ୍ ମୋ ସହିତ ଅନ୍ୟ ଜଣେ ଯିବାକୁ ଅନୁମତି ଦିଅନ୍ତୁ । ଏଠାରେ କୁମାରର ଉଦ୍ଦେଶ୍ୟ, ଇଚ୍ଛାବତୀଙ୍କୁ ସଙ୍ଗରେ ନେବା ପାଇଁ ।

୨୧ । ତୋଟା— ବଗିଚା ।

ପୁଷ୍ପ ତୋଳିବାକୁ ଗୃଷ୍ଠ ନବଳଇ ମନ ।
ଅନୁସର ଗୃହ୍ଣଂ ଅଛୁ କୁମାରୀ ବଦନ । ୫୯ ।
ଚମ୍ପେକ ବୃକ୍ଷରେ ବାଳୀ ଉଠିଲକ ଯାଇ
ପୁଷ୍ପ ତୋଳୁଅଛୁ ବାଳୀ ଅଂକୁଡ଼ୀ ଲଗାଇ । ୬୦ ।
ଗୃଷ୍ଠ ଜଗି ହୋଇଅଛୁ ସେହି ବୃକ୍ଷ ତଳେ ।
ପଡ଼ିଲା ପୁଷ୍ପ କୁମର ତୋଳଇ ଅଞ୍ଚଳେ । ୬୧ ।
ଦକ୍ଷିଣ[12] ପବନ ଯେ ବହଇ ଧୀରତର ।
ବାତଘାତେ ତନୁ ଯେ କମ୍ପଇ ଥରହର । ୬୨ ।
ଭୟ[13] ପାଇ ତରୁଡ଼ାଳ ଧରେ ଶୁଭ୍ରକେଶୀ ।
ହୃଦରୁ ଅଞ୍ଚଳ ତାର ପଡ଼ିଲକ ଖସି । ୬୩ ।
ତରୁତଳେ ଥାଇଂ ଗୃଷ୍ଠ ଦେଲକ ଅନାଇ ।
ଦେଖିଲକ ଯୁବତୀର ହୃଦେ ବସ୍ତ୍ର ନାହିଂ । ୬୪ ।
ଯେତେକେଣ[14] ସୁଦେଖି ଯେ ନାହିଂ[15] ପଟାନ୍ତର ।
ବେନିକୁଚ କିବା ତାର ମଦନ ଭଣ୍ଡାର । ୬୫ ।
ଆବର ବିଶେଷେ ମଧ୍ୟା[16] ଡମ୍ବରୁ ଆକାର ।
ତାହା ଗୃହିଂ ଗୃଷ୍ଠ ମନେ ହୋଇଲା କାତର । ୬୬ ।
ପଞ୍ଚୁବାଣ ତାର ଅଂଗେ ପିଡ଼ିଲା ମଦନ ।

---

୧୨ । ଦକ୍ଷିଣ (ପୋଥିପାଠ) । ୧୩ । ଭୟେ ପାଇଂ (ପୋଥିପାଠ) ।
୧୪ । 'ଯେତେକେଣ' ପରିବର୍ତ୍ତେ 'ଯେତେକେତ' ହେବା ଅଧିକ ସଙ୍ଗତ ।
୧୫ । ନାସ୍ତି ପଟାନ୍ତର (ପୋଥିପାଠ) କିନ୍ତୁ 'ନାସ୍ତି ପଟାନ୍ତର' ବଦଳରେ 'ନାହିଁ ପଟାନ୍ତର' ହେବା ଅଧିକ ସଙ୍ଗତ, ତେଣୁ ମୂଳପାଠର ପରିବର୍ତ୍ତନ କରାଯାଇଛି ।
୧୬ । ମଧ୍ୟା=କଟୀ ଦେଶ । ନାରୀମାନଙ୍କ କଟୀର ନିମ୍ନ ଭାଗ ଓ ଊର୍ଦ୍ଧ୍ୱଭାଗ ଅପେକ୍ଷାକୃତ ସ୍ଥୂଳ ହୋଇଥିବା ବର୍ଣ୍ଣନା କବି ପରଂପରା ସମ୍ମତ ।

ଝଲିଣ ପଡ଼ିଲା ଗୃହ ହୋଇ ଅଚେତନ[୨୭] । ୬୭ ।
ପବନ ରହନ୍ତେ ବସ୍ତ୍ର ସମ୍ଭାଳିଲା ଇଚ୍ଛା ।
କି କରୁଛୁ[୨୮] ବୋଲି ଗୃହ ତାକୁ କଲା ପୁଚ୍ଛା । ୬୮ ।
ଇଚ୍ଛାର ବଚନେ ଗୃହ ଉତ୍ତର ନଦେଲା ।
ନାହିଁ ବୋଲି କରି ବୃକ୍ଷ ତଳକୁ ଗୃହଂଲା । ୬୯ ।
ଦେଖିଲାତ ତରୁତଳେ ଗୃହ ଅଛି ଶୋଇ ।
ତର ତର ହୋଇ ବୃକ୍ଷୁ ଅଇଲା ଓହ୍ଲାଇ । ୭୦ ।
ଢୋଳଇ ଗୃହକୁ ବାଳୀ ମନର ଆକୁଳେ ।
ଓଝାଯେ କୋପ କରିବେ ଉଚ୍ଛୁର ହୋଇଲେ । ୭୧ ।
ନ ଉଠଇ ଗୃହ ଇଚ୍ଛା ଉଚ୍ଛୁଡ଼ଇ କରି[୨୯] ।
ମୃଷା[୩୦] ଯାଇ ପଡ଼ିଅଛି ନ ଦେଇ ଉତ୍ତର । ୭୨ ।
କିସ ଯେ ହୋଇଲା ବୋଲି ଭାଳଇ ତରୁଣୀ ।
ବେଗ କରି ଗୃହ ମୁଖେ ଛିଞ୍ଚିଲକ[୩୧] ପାଣି । ୭୩ ।
ଚେତନା ପାଇଣ ଗୃହ ଉଠିଣ ବସିଲା ।
କୁମାରୀ ମୁଖକୁ ଗୃହଂ ଅଳପ ହସିଲା । ୭୪ ।

---

୨୭ । ଅଚେବନ=ଅଚେତନ । 'ଶ୍ରମେ ଏକ ଦିନ ଦିନ ନଦେ ଅଚେବନ ବନଜାକ୍ଷୀ କି ଦୁଃଖ ଭାଜନ ଜନ' । (ପ୍ରେମସୁଧାନିଧି)

୨୮ । ଏ ଧାଡ଼ିଟିରେ ବାକ୍ୟ ଗଠନର ଦୋଷ ଥିବାରୁ ବିପରୀତାର୍ଥ ବୋଧ ହେବା ଅସମ୍ଭବ ନୁହେଁ । ତେଣୁ 'କିକରୁଛୁ ବୋଲି ଗୃହକୁ ସେ କଲା ପୁଚ୍ଛା' ହେଲେ ଅର୍ଥ ସୁସ୍ପଷ୍ଟ ହେବ । କିମ୍ବା 'ଗୃହ' ପଦଟି ପରେ 'ବୋଲି' ପଦଟିକୁ ବସାଇଲେ ଅର୍ଥ ସଙ୍ଗତ ହେବ ।

୨୯ । କରେ (ପୋଥିପାଠ) । ୩୦ । ମୃଷା=ମୂର୍ଚ୍ଛା ।

୩୧ । ଛିଞ୍ଚିଲକ (ପୋଥିପାଠ) ।

ଇଚ୍ଛାବତୀ ବୋଲେ ତୋହୋ କେବଣ ଦେଶର
ତୋହୋର ଅବସ୍ଥା ଦେଖି ତନୁ ମୋ କାତର । ୭୫ ।
କାହାକୁ ତୋ ଭୟେଭୀତ କହ ମୋ ଆଗର ।
ନ କହୁ ବୋଲିଣ ତୋତେ ସପତ[୩୨] ମୋହୋର ।୭୬।
ଇଚ୍ଛାର ବଚନେ ଗୃଠ ଦ୍ରୁହସିତ ହୋଇଂ ।
ବୋଲେ ତୋ ରୂପ ଦେଖି ଗ୍ୟାନ ହାରିଲ ମୁହିଂ ।୭୭।
କି କରିବି କି ବୋଲିବି ନ ଜାଣଇଂ କିଛୁ ।
କେବଳ ସ୍ୱରୀରେ ମୋ ନିଶ୍ୱାସ ବହୁଛୁ । ୭୮ ।
ଯେହ୍ୱା ଶୁଣି ଇଚ୍ଛାବତୀ ସନ୍ତୋଷ ହୋଇଲା ।
ମୁଖରେ ଚୁମ୍ବନ ଦେଇ କୋଳେ ବସାଇଲା । ୭୯ ।
ଭୁଜରେ ଭିଡ଼ିଣ କୋଳ କରନ୍ତେ ହରଷ
ଗୃଠ ଇଚ୍ଛାବତୀ ଦୁହେଂ କେହ୍ନନାହିଂ ପାସ । ୮୦ ।
ନାନାମତେ ପରିବନ୍ଧେ କାମେଣ ମାତିଲେ ।
ମଦନ ଆକୁଳ ଦେନି ଅଂଗୁ ଶାନ୍ତି[୩୩] କଲେ । ୮୧ ।
ରତିରଂଗ ସାରି ଜଳେ ସ୍ନାହାନ ସାରିଲେ ।
ନୀବିବନ୍ଧ କେଶବାସ ଅଂଗ ସମ୍ଭାଳିଲେ । ୮୨ ।
ସୁରତ[୩୪] ସାରିଣ ପୁଣ କୁମର କୁମାରୀ ।
ଇଚ୍ଛା ମୁଖ ଚୃହିଂ ଗୃଠ ବଚନ ପଚୃରି । ୮୩ ।
ପିତାମାତା ଛାଡ଼ି ମୁହିଂ ହୋଇଲି ନିରେଖ ।
ତୋର ପରସାଦେ ମୁଂ ଲଭିଲି ମହାସୁଖ[୩୫] । ୮୪ ।

---

୩୨ । ସପତ = ଶପଥ ଅର୍ଥରେ ।
୩୩ । ଶ୍ୟାନ୍ତି (ପୋଥିପାଠ) । ୩୪ । ସୁରତ ହେବା ସଙ୍ଗତ ।
୩୫ । ମାହାସୁଖ ( ପୋଥିପାଠ ) ।

ନୋହିଲେ କି ଦୁଃଖ କାଳେ ନଥି ପରାପତି !
ବିଧାତା କଢ଼ାଇ ମୋତେ ଆଣିଲା ତୁରିତ । ୮୫ ।
ନରେଖ ଅଛଇ ମୁହିଁ ସଖା[୩୬] ବନ୍ଧୁ ନାହିଁ ।
ତୋତେ ମୁଁ ପାଇଲି ପୂର୍ବେ ଶଙ୍କରଂକୁ ଧାଇଁ ।୮୬।
ଗୃଠ ବୋଲେ ବାହୁତ କୁମାରୀ ଯେଡ଼େ ସତ[୩୭] (?)
ଯାବତ ଜୀବନ ମୋର ତୋର ରହିଁ ତନ୍ତ୍ର[୩୮] ।୮୭।
ସୁଫଳ ଜୀବନ ମୋର ତୋ ସଙ୍ଗେ ପୀରତି ।
ଆଜହୁଁ ବିଧାତା ମୋତେ ଦେଲା ସଦଗତି । ୮୮ ।
ଦୟା ଅନୁରାଗ ପ୍ରିୟେ କରିଥିବୁ ମୋତେ ।
ଯେତେକ ମାଗୁଣି ମୁହିଁ ମାଗୁଅଛୁ ତୋତେ । ୮୯ ।
ଗୃଠର ବଚନେ ଇଚ୍ଛା ବୋଲଇଁ ଉତ୍ତର ।
ତୋତେ ମୋତେ ଦେଇଛନ୍ତି ଗଉରୀ ଶଂକର । ୯୦ ।
ଧନ ଯଉବନ ଗୃଠ ସର୍ବଦା ନ ଥାଇ ।
ପୀରତି କୀରତି ଯେକା ଯୁଗେ ଯୁଗେ ଥାଇ । ୯୧ ।
ମହା ସେ ପ୍ରତାପୀ ରାଜା ଭୋଜ ନୃପବର ।
ତୁମ୍ଭଂକୁ ପାଇଂଣ ମୁଁ ଛାଡ଼ିଲି ଭୟେତାର । ୯୨ ।
ପିତା ମାତା ଭାଇବନ୍ଧୁ ଭୟେ ଭୀତି ନାହିଁ ।
ଛାଡିଲି ସକଳ ଲାଜ ତୁମ୍ଭର ସେ ପାଇଁ । ୯୩ ।

---

୩୬ । ସ ଖା ( ପୋଥିପାଠ ) ।

୩୭ । 'ଗୃଠ ବୋଲେ କୁମାରୀ ମୋହର ଏହି ସତ୍ୟ' ହେଲେ ଅର୍ଥ ସଙ୍ଗତ ହେବ ଏବଂ କୁମାରୀଠାରେ କୁମାରର ପ୍ରତିଜ୍ଞା ବୋଲି ଉକ୍ତ ପାଦର ଅର୍ଥ ସୁସ୍ପଷ୍ଟ ହେବ ।

୩୮ । 'ତନ୍ତ୍ର' ସମ୍ବନ୍ଧ ଅର୍ଥରେ ବୋଧହୁଏ ବ୍ୟବହୃତ ।

ଯାବତ ଜୀବନ ମୋର ଶରୀରେଣ[୩୯] ଥିବ,
ତୋହ୍ଲ ବିନୁ ସତ[୪୦]ଂକ ମୋ ଆନରେ ବଳିବ ? ୯୪ ।
ତୁମ୍ଭେ ସେ ମୋହୋର କାନ୍ତ ମୁହିଂ ତୁମ୍ଭ ନାରୀ ।
କଷ୍ଟଯେଂ ଯେକଥା ଗୃଠ ମନେ ଥିବ ଧରି । ୯୫ ।
ଯେ ଯିସ[୪୧] ବୋଲିବ ବୋଲ୍ଲ ମୁହିଂ ତୁମ୍ଭ ନାହା ।
ମନେ ଯାହା ଲେଡୁଥିଲି ପାଇଲି ମୁଂ ତାହା । ୯୬ ।
ତୋତେ ମୋତେ ଧାତା ଆଣି କରାଇଛୁ ଭେଟ ।
ଆଜଠାରୁ ଅନୁଗ୍ରହ[୪୨] କରିଥିବୁ ଗୃଠ । ୯୭ ।
ଯେତେ ବୋଲି କରଣ ସେ କୁସୁମ ତୋଳିଲେ ।
ଓଝାଯେଂ କୋପ କରିବେ ଉତ୍ତର ହୋଇଲେ ।୯୮।
ଇଚ୍ଛାବତୀ ଗୃଠ ଦୁହେଂ ଚଳିଗଲେ ଖରେ ।
ପ୍ରବେଶ ହୋଇଲେ ଯାଇଂ ଗୃଠଶାଳୀ ଘରେ । ୯୯ ।
କୁସୁମ ଥୋଇଂଣ ଉଭା କୁମର କୁମାରୀ ।
ଗୃଠ ମୁଖ ଗୃହିଁ ଓଝା ବଚନ ପଚ୍ଚରି । ୧୦୦ ।
ପୂସ୍ୟ ତୋଳି ଯାଇ ତୁମ୍ଭେ କଲ ଯେ ଉତ୍ତର,
ଓଝାଂକ ସ୍ମୁଖରେ ଇଚ୍ଛା ଯୋଡ ବେନିକର । ୧୦୧ ।
ତୋଠା ଯାକ କୁସୁମ ତୋଳିଲୁ ଆମ୍ଭେ ଖୋଜି,
ଓଝାଯେଂ ଜାଣିଲେ ସେ କୁମାରୀ ମନ ହେଜି । ୧୦୨ ।
ଅନୁସରି ଚାହିଁଛନ୍ତି କୁମାରୀ ବଦନ ।
ସଂପୂର୍ଣ୍ଣ[୪୩] ଚନ୍ଦ୍ରମା ମୁଖ ଦିଶୁଛି ମଳିନ । ୧୦୩ ।

---

୩୯ । ଶୁରୀରେଣ (ପୋଥିପାଠ) । ୪୦ । ସତବଳିବା=ଇଚ୍ଛା ହେବା
୪୧ । ଯିସ – 'ଯାହା' ଅର୍ଥରେ ବ୍ୟବହୃତ ।
୪୨ । ଅନଗ୍ରହ (ପୋଥିପାଠ) ।
୪୩ । ସମ୍ପୂର୍ଣ୍ଣ (ପୋଥିପାଠ)

ଜାଣିଲେ ଇଚ୍ଛାକୁ ଦୁଷ୍ଟ କଲା ବଡ଼ମ୍ବଣା[୪୪] ।
ଯେଉଁଠେ କାଳ ଧାତା ଆଣି କଲା କ କଷଣା[୪୫] । ୧୦୪ ।
ଦୁଷ୍ଟର ବଦନ ଯେ ଦଶୁଛି ସେହିମତ ।
ଯେକାଳେ ଦୁଷ୍ଟକୁ ଗୁରୁ ହକାରିଲେ ଜତ । ୧୦୫ ।
ଦେଶାନ୍ତରୀ ହୋଇ ତୋର ଭୟେ ଛିଡ଼ ନାହିଂ ।
ଯେଉଁଠେକ ବସ୍ତୁଯେ କଥା କଲୁ କାହିଂପାଇଂ । ୧୦୬ ।
ମହାପ୍ରତାପୀ ସେ ଅଟେ ଭୋଜ ନୃପବର ।
ତାହାର କୁମାରୀ ସଙ୍ଗେ ତୋର ପରିଗୃର । ୧୦୭ ।
ଯେଉଁତେଣେ ବୋଲିଣ ସେ ଚଉଠୀ ପୂଜା କଲେ ।
ନଇବେଦ୍ୟ ସାରିଣ ସେ ନିଜପୁରେ ଗଲେ । ୧୦୮ ।
ଇଚ୍ଛାହିଂ ଥୋକାଯେ ଦୂର[୪୬] ଅଇଲେ ଗୋଡ଼ାଇ ।
ଦୁର୍ବୋଧଣ ଗୁରୁ ତାଂକୁ ଦେଲେ ବାହୁଡ଼ାଇ[୪୭] । ୧୦୯ ।
ନିଜ ମନ୍ଦିରରେ ଯାଇଂ ପ୍ରବେଶ ହୋଇଲେ ।
ଦୁଷ୍ଟକୁ ସଂଗତେ ଘେନି ଭୁଞ୍ଜି ଣ ବସିଲେ । ୧୧୦ ।
ଆଞ୍ଚୋବନ[୪୮] ସାରି ସେ ପହୁଡ଼ିଲେ[୪୯] ନିଶି ।
ଯେମନ୍ତେଣ ରାତ୍ର ପାହି ଦିବସ ପ୍ରକାଶି । ୧୧୧ ।

---

୪୪ । ବଡ଼ମ୍ବଣା = ବଞ୍ଚନା, କିନ୍ତୁ ବିଡମ୍ବନା ଶୁଦ୍ଧପାଠ । ୪୫ । ପୂର୍ବ ପାଦରେ ଥିବା 'ବଡ଼ମ୍ବଣା' ପରିବର୍ତ୍ତେ 'ବଡ଼ମ୍ବଣ' ଓ ପରପଦରେ ଥିବା 'କଷଣା' ପରିବର୍ତ୍ତେ 'କଷଣ' କଲେ ଅର୍ଥବୋଧରେ କୌଣସି ବ୍ୟାଘାତ ଘଟୁନାହିଁ ।

୪୬ । ଧୂର (ପୋଥିପାଠ) । ୪୭—ବାହୁଡାଇଂ (ପୋଥିପାଠ) ।

୪୮ । ଆଞ୍ଚୋବନ = ଆଚମନ ଦେର ଅପଭ୍ରଂଶ ।

୪୯ । ପହୁଡିଲେ (ପୋଥିପାଠ) ।

ଅନୁସର ଇଚ୍ଛାବତୀ ବସିଅଛୁ ଆସି ।
ଯେମନ୍ତ ସମୟେ ଗୁରୁ ମିଳଗଲେ ଆସି । ୧୧୨ ।
ଯେକା ହୋଇଂ ଗୁରୁ ଯହିଁ ହୋଇଲେ ପ୍ରବେଶ ।
ଗୃଢକୁ ନ ଦେଖି ଇଚ୍ଛା ଉଡ଼ଲ ସାହସ । ୧୧୩ ।
ତୁମ୍ଭେତ ଅଇଲ ଗୁରୁ ଗୃଢତ ନଇଲା ।
ଓଝାଯେ ବୋଇଲେ ଗୃଢ ଗୃହରେ ରହିଲା । ୧୧୪ ।
ଯେହା ଶୁଣି ଇଚ୍ଛାବତୀ ହକଲ ଶରୀର[୫୦] ।
ଫେଡ଼ କହିଲ ମନେ ରହିଲ ଅନ୍ତର[୫୧] (?) । ୧୧୫ ।
ଆମ୍ଭେ ନକହିଲୁଂ ଗୁରୁ ଜାଣିଲେ କେମନ୍ତେ ?
ଗୃଢହିଂ ନଇଲା ଅବା ତହିଁର ନିମନ୍ତେ ! ୧୧ ।
ଯେମନ୍ତ ସମୟେ ମୃଦୁସୁଲି ପରବେଶ ।
ମୋଣୋହିଂ ସାରବ ମାୟେ ବହନ ଭୋ ଆସ । ୧୧୭ ।
ଯେମନ୍ତ ଶୁଣିଣ ଇଚ୍ଛା ଅନ୍ତପୁର ଗଲା ।
ଘନ ବନମାଳୀ ଯେହା ଗୀତରେ ଗାଇଲା । ୧୧୮ ।

---

୫୦ । ସ୍ୱଶରୀର (ପେ ଥି ପା ୦) ।

୫୧ । ଏ ପାଦଟିର ଅର୍ଥ ଆଦୌ ସୁସ୍ପଷ୍ଟ ନୁହେଁ । ଏଠାରେ "ଫେଡ଼ି ନକହିଲ ମନେ ରହିଲ ଅନ୍ତର" ହେଲେ କୌଣସି ପ୍ରକାରେ ଅର୍ଥ ସଙ୍ଗତ ହୋଇପାରେ । ବୋଧହୁଏ "ଇଚ୍ଛାବତୀ କିଛି ନ କହି ମୌନ ହେଲା" ଏହି ଅର୍ଥରେ ଉକ୍ତ ପାଦଟି ପ୍ରୟୋଗ କରିଛନ୍ତି !

# ତୃତୀୟ ଛାନ୍ଦ

ଆଷାଢ଼ ଶୁକ୍ଳ ବାଣୀରେ ଗାଇବ ।

ଏଥୁ ଅନନ୍ତରେ ଶୁଣ ସୁଜନ
ଇଚ୍ଛାବତୀ ଗଲା ନିଜ ଭବନ ।
ଗୃହକୁ ନ ଦେଖି ବିକଳ ମତି,
ଚଉକଡକ ଗୃହାଂଇ[1] ନିରେଖି,
ସେ ତରୁଣୀବର, କମ୍ପାଇ କାମେ ହୋଇଣ ଅଥିର । ୧ ।

ମନର ବେଦନା ନଜାଣେ କେହି,
ଦଇବ ବିନୁ ଆନଗତି ନାହିଂ
ତେଜିଲା ଭୋଜନ ଶୟନ ସେହି,
ବାମାରତନ ପହୁଡ଼ିଲା ଯାଇଂ,
ସେ ଗୃହ ବିଚ୍ଛେଦ
କେ ତାହା ଜାଣିମ ହୃଦ ବିଚ୍ଛେଦ । ୨ ।

ମୃଦୁସୁଲି ସଣୀ ଆଗେ କହିଲେ,
ଇଚ୍ଛାବତୀ ତ ମଣୋହିଂ ନୋହିଲେ ।
ବେସନ[2] ନାହିଂ ତାପେ ଗୁରୁତର,
ଶୋଚିଲା ବାମା ଚନ୍ଦ୍ରପଲଂକର ।

---

୧ । ଗୃହଂଇ ହେବା ଉଚିତ ।
୨ । ବେସନ, ବ୍ୟସନ = ଅର୍ଥାତ୍ ବେଶ ଭୂଷଣ ଅର୍ଥରେ ବ୍ୟବହୃତ ।

ତା ଶୁଣି ଜନନୀ,
ବେଗେ ଅଇଲେ ମନେ ତାପ ଘେନ । ୩ ।

ପଲଂକେ ରାଣୀ ବସିଲେକ ଯାଇ,
ଆଶ୍ୱାସ କରି କହନ୍ତ ମଣାଇଂ[୩],
ତୁ ମୋର କୁଳମଣ୍ଡଣୀ[୪] ଗୋ ଜେମା,
କି ନିମନ୍ତେ ତାପ କରୁଛୁ ଢେମା,
ମୋ ଦୁଃଖୀରତନ,
ଦରିଦ୍ର ନିଧି ଅମୂଲ୍ୟ ରତନ । ୪ ।

ପିତା ତୋର ବନ୍ଧୁ ବାନ୍ଧେବ[୫],
ସବୁରି ଦୁଲଣା[୬] ଅଟ ସୁଲଭ ।
କାହିଂପାଇଂ କି ମନେ ଯେତେ ତାପ,
କହୁକନା ମୋର ଦୁଃଖର ବାପ,

---

୩ । ମଣାଇଂ = ବୁଝାଇ ।

୪ । ମଣ୍ଡଣୀ — ଶୁଦ୍ଧପାଠ ମଣ୍ଡନୀ ଅର୍ଥାତ୍ ଭୂଷଣ ସ୍ୱରୂପା ।

୫ । ଏ ପାଦର କେତୋଟି ଅକ୍ଷର କୀଟଦଂଷ୍ଟ ହୋଇ ଥିବାରୁ ଅର୍ଥ ଆଦୌ ସୁସ୍ପଷ୍ଟ ନୁହେଁ । କିନ୍ତୁ ପରପାଦ ସହିତ ସାମଞ୍ଜସ୍ୟ ରଖି ଅର୍ଥ କଲେ ଇଚ୍ଛାବତୀ ପିତା ମାତା ବନ୍ଧୁ ବାନ୍ଧବମାନଙ୍କର ସ୍ନେହଶୀଳା ଝିଅ ଥିଲେ ବୋଲି ପରିଷ୍କାର ଜଣାଯାଏ । ତେଣୁ "ପିତା ମାତା ଭାଇ ବନ୍ଧୁବାନ୍ଧବ" ହେଲେ ସୁନ୍ଦର ହେବ ।

୬ । ଦୁଲଣା = ଗେହ୍ଲା ।

ମୋ ଜୀବର ବନ୍ଧୁ,
ନ ଛୁଟି[୬] ହୋଇଯିବ କରୁଣାସିନ୍ଧୁ । ୫ ।

ମାତାଙ୍କ ଗୃଷ୍ଟ ଶୁଣି ଇଚ୍ଛାବତୀ
ହୃଦବେଦନା କେହି ନ ଜାଣନ୍ତି,
ବଖାଇ[୮] କହନ୍ତି ଶୁଣ ଗୋ ମାଏ,
ଆଜ ମୋ ତନୁ ଅଲସିତ କାୟେ ।
କିଛି ନାହିଁ ଆନ,
ଅନ୍ନ ନଭୁଞ୍ଜିବି ଲିପ ଚନ୍ଦନ । ୬ ।

ଶୁଣିଣ ମାତା ଚଳିଗଲେ ଖରେ,
କର୍ପୂର ଚନ୍ଦନ ପନୀର[୯] ନୀରେ,
ଚୂଆ ଚନ୍ଦନ ନାନା ଦ୍ରବ୍ୟ ମାନ,
ମୁଦୁସୁଲି ହାଥେ ଦେଲେ ବହନ,
ମୋ ଜେମାକୁ ଲିପ,
ଯେମନ୍ତେ ଭୁଠେଇ ହୃଦର ତାପ । ୭ ।

ପରିବାରୀମାନେ ବେଗେ ଅଇଲେ,
ପଯୂର ମାଡ଼ି ଚନ୍ଦନ ଲେପିଲେ,
ମଦନବାଣ ବିନ୍ଧଇ ହୃତାସ,
ଉଠଇ ବସଇ ଛାଡ଼ଇ ନିଶ୍ୱାସ,
ସେ ଗୃଷ୍ଟ ବିଚ୍ଛେଦ,
କେ ତାହା ଜାଣିମ ହୃଦର ଭେଦ ? ୮ ।

---

୭ । ଲୁଚ୍ଛବା - ମୁଗ୍ଧ ହେବା । ୮ । ବଖାଇ କହିବା = ମନୋଭାବ ଗୋପନକରି କହିବା । ୯ । ପନୀର = ସୁବାସିତ ଜଳ ବିଶେଷ ।

ଅମ୍ବୁବତୀ ନାମେ ଆମ୍ଭର ସଖୀ,
ସେ ଯାଇଂ ପଚ୍ଛରଇ ଚନ୍ଦ୍ରମୁଖୀ,
ବାଳୁତ ତରୁଣୀ କାମେ ଦୁଃଖିତ,
ମୋତେ କହ୍ମାଇଂ ନ କହୁ ସଦ୍ଧାଂତ
ମୁଂ ତୋର ବିଶ୍ୱାସ,
ନରତେ ସେବା କରୁଥାଇଂ ପାସ । ୯ ।

କେବଣ ବେଦନା ମୋତେ ନ କହୁ,
କହ୍ମାଇଂ ଯେତେ ଦୁଃଖେ ଦିନ ନେଉ,
ତୋହ ବିନେ ସବୁ ମୋର ସମ୍ପଦ,
ମୋତେ ଅନ୍ତର କରୁଥାଉ ଗୃଦ !
ଦୁଇକର ଧରି,
ଆଶ୍ୱାସି ବସାଇଲା କୋଳକରି । ୧୦ ।

ସଖୀକି ଦେଖିଣ କୋପେ ଦୁଃଖିତ,
କି କରିବ ମୋତେ କହ ସଦ୍ଧାଂତ,
ତୋହ ନଥିଲା ବିନେ ମୋର ସଖୀ,
ମୋ ବେଦନା କି ନ ଜାଣୁ ସଖୀ !
ତୁମ୍ଭେ ଗୁଣମଣି,
ଜୀବନ ରଖ ମୋ ପ୍ରାଣମିତଣୀ ! ୧୧ ।

ସମସ୍ତ ଦାସୀମାନଙ୍କୁ ବଞ୍ଚାଇଂ
ଅମ୍ବୁବତୀକି କହନ୍ତି ମଣାଇଂ[୧୦],

---

୧୦ । ମଣାଇଂ = ବୁଝାଇ ।

ମୋହ ଜୀବନ କର୍ମ୍ମ ବନ୍ଧିଅଛୁ,
ଧର୍ମ ଗ୍ରନ୍ଥକୁ ନ ପାରଇ ମୁଛୁ,
ସେ ପୁରୁଷବର,
ତାଙ୍କଠାଂ[୧୧] ରହିଛୁ ଜୀବନ ମୋର । ୧୨ ।

ସୁବୁଦ୍ଧି[୧୨] ପୁରୁଷ ନାଗରବର,
ତାର ବଚ୍ଛେଦେ ମତିଭ୍ରମ ମୋର,
ଯେବେ ଜାଣିବ ସଖି ତାକୁ ଆଣ,
ନୋହିଲେ ସଖୀ ତେଜିବି ପରାଣ,
ସେ ମୋହ ଜୀବନ,
ତାକୁ ନ ଦେଖି ନ ସରଇ ଦିନ । ୧୩ ।

ତୁ ସଖୀ ଆତ୍ମାକାରେଣୀ[୧୩] ମୋହର[୧୪],
ତୋହ ଯେନ ପିନା ମୋର ବଗୁର,
ଯେ କଠାବରେ ବଦ୍ୟା ପଢୁଥିଲୁଁ,
ଦୁହେଁ କାମଯୋଗେ ମତ୍ତ ହୋଇଲୁଁ,
ବଢ଼ିଲା ସୁରତି,
ସୁବେଶ ପୁରୁଷ ସଂଗେ ପୀରତି । ୧୪ ।

ମାଲତୀ ଭୁଲେ ଭ୍ରମର ଯେମନ୍ତ,
ମୋତେ ତୁମର କଳଙ୍କ ତେମନ୍ତ,

---

୧୧ । ତାଙ୍କଠାଂ = ତାହାଠାରେ । ୧୨ । ଶୁବୁଧି (ପୋଥିପାଠ) ।
୧୩ । ଆତ୍ମାକାରେଣୀ = ଜୀବନର ସଦ୍‌ଗତି କାରେଣୀ ।
୧୪ । ମୋହର (ପୋଥିପାଠ) ।

ଜଳେ ଦଇବ ବିଚ୍ଛେଦ କଷଣ,
ନଷ୍ଟପ୍ରାୟେଂ ସଖି ତେଜିବ ପରାଣ,
ଗୃଷ୍ଠ ମୋତେ ଦିଅ,
ଗୁରୁ ଘରକୁ ବେଗେ ଚଳିଯାଅ । ୧୫ ।

ଚରଣ ଧରି ଲୋଟଇ ସୁନ୍ଦରୀ,
ଆଶ୍ୱାସ କରି ଅମ୍ବୁବତୀ ନାରୀ,
ପ୍ରେ ଗୁର କଥାକୁ ନକର ଶୋକ
ମନ ସ୍ଥିରକର ଯୁବା ବିବେକ
ଅସ୍ଥିର ଗୋ ନୁହଂ,
ବିଗୃହ କାର୍ଯ୍ୟ ସାଧନାଇଂ[୧୫] ପାଅ । ୧୬ ।

ସଖୀ ପ୍ରବୋଧି ସହଚରୀ ଗଲା,
ଗୁରୁଂକ ଘରେ ଗୃଷ୍ଠକୁ ଦେଖିଲା,
ଚତୁରୀ ନାରୀ ଭଲ ଠାବ କଲା,
ସଖୀ ବିରହ ତାହାକୁ କହିଲା,
ସଖୀର ବେଦନା,
ଗୃହଂକୁ କହିଲା ଅତି ଶୋଚନା । ୧୭ ।

ଜୀବନ ତେଜି ମରୁଅଛି ବାଳି,
ତୋତେ ନ ଦେଖି ଇଚ୍ଛାବତୀ ବାଳୀ[୧୬],
ନ ରୁଚଇ ଗନ୍ଧ ଚନ୍ଦନ ସୁବେଶ,
ଅମୀୟ୍ର[୧୭] ପାନ ନ କରଇ ଗ୍ରାସ,

---

୧୫ । ସାଧନାହିଂ ଶୁଦ୍ଧପାଠ । ୧୬ । ବାଳି (ପୋଥିପାଠ) ଉପର ପାଦରେ 'ବାଳି' ଥିବାରୁ ତଳ ପାଦରେ ବାଳୀ ପଦ ଶ୍ରୁତି ମଧୁର ହେବା ସଂଗେ ସଂଗେ ଯୁକ୍ତିଯୁକ୍ତ ହେବ । ୧୭ । ଅମିୟ (ପୋଥିପାଠ) ।

ବେଗେ ଗୃଲ ଯିବା,
ଇଚ୍ଛାବନ୍ତୀଙ୍କ ଜୀବଦାନ ଦେବା । ୧୮ ।

ଶୁଣିଣ ଗୃଷ୍ଟ ବୋଲଇ ବଚନ,
ମୁଁ ଘର ଅଟଇ ଭିକ୍ଷାସି[୧୮] ଜନ,
ନୃପତି କୁମାରୀ ପାଇବ କାହିଁ,
ରାଜା ଜାଣିଲେ କଢେ ମୁଣ୍ଡ ନାହିଁ,
ନ କହ ଏମନ୍ତ,
ତୁମ୍ଭେ ରାଜାଲୋକ ଆମ୍ଭର ମାତ । ୧୯ ।

ନରେଖ ମୁଂଜେ ମାତା ପିତା ନାହିଁ,
ଗୁରୁଙ୍କ ଘରୁ ଅନ୍ନ ମାଗି ଖାଇଁ,
ଧର୍ମ ପିତା ମୋର ଗୁରୁ ଗୋସାଇଁ,
ତାହାଙ୍କ ବିନୁ ଆନ ଆଶ୍ରେ ନାହିଁ,
ତୁମ୍ଭେ ବେଗେ ଚଳ
ଗୁରୁ ଜାଣିଲେ ମୋ ପୂରିବ କାଳ । ୨୦ ।

ଅମ୍ବୁବତୀ ବୋଇଲେ ଶୁଣ କୁମର,
ବନମାଳା ସଖୀ ଦେଇଛୁ[୧୯] ମୋର,
ସଂସାରେ ଯେବେ ପ୍ରୀତି ରହିଥାଇ,
ଯେତେ ଅପ୍ରୀତି କର କାହିଁ ପାଇଁ,
ସତ୍ୟ କରିଅଛୁ,
ମୋ ସଖୀ ତୋତେ ନ ପାରଇ ମୁଞ୍ଚି । ୨୧ ।

---

୧୮ । ଭିକ୍ଷ୍ୟାସୀ (ପୋଥିପାଠ) ଭିକ୍ଷାସି=ଭିକ୍ଷା ବୃତ୍ତି ଅବଲମ୍ବନ କରି ଚଳୁଥିବା ବ୍ୟକ୍ତି ।
୧୯ । ଦେଉଛୁ (ପୋଥିପାଠ), କିନ୍ତୁ 'ଦେଇଛୁ' ହେବା ସମୀଚନ ।

ଏତେ ବୋଲି ମାଳ ଗଲେ ଲମ୍ବାଇ,
ଅନେକ ଚାଟୁ ବଚନ ବୁଝାଇ,
ଶୁଣି କୁମର ସନମତ କଲା,
ସନ୍ଧ୍ୟା ସମୟରେ ବାହାର ହେଲା,
ଏକାକୀ କୁମର[20],
ସ୍ତ୍ରୀ ରୂପରେ ପଶିଲାକ ଘରେ[21] । ୨୨ ।

ଭୂମିରେ ଶୟନ ତେଜି ପଲଂକ,
ଧୂଳିରେ ଯେହ୍ନେ ପଡ଼ିଥାଇ ରଂକ,
ଦେଖି କୁମର ଚକିତ ହୋଇଲା,
ଧୂଳି ଝାଡ଼ି ତନୁ କୋଳେ ଧଇଲା,
ବିବିଧ ସୁବେଶ,
ମାଜଣା ମୋଣୋହ୍ନାଂ ଅମୀୟ ରସ । ୨୩ ।

ଲଜେ ସୁନ୍ଦରୀ ନ ଟେକଇ ଶିର,
ପଲଂକେ ବିଜେ କୁମାରୀ କୁମାର,
ଇଚ୍ଛାବତୀ ଆଗେ କହଇ ଚାଟୁ,
ଗୁରୁ କରିଥାନ୍ତି ଅତି ଆକଟ,
ଆସି ନ ପାରଇ,
ମୋ ଘର ଦୋଷ ନଧର ଗୋ ସଦ୍ର ! ।୨୪।

ଶୁଣି ଇଚ୍ଛାବତୀ ତୋଷ ହୋଇଲା,
ଭୁଜେ ଭିଡ଼ି ମୁଖେ ଚୁମ୍ବନ ଦେଲା,

---

୨୦ । ଏକ ଡାଠ ମେର ( ପୋଥିପାଠ ) ।
୨୧ । 'ପଶିଲା କ ଘରେ' ଅପେକ୍ଷା 'ପଶିଲା ନବରେ' ସୁନ୍ଦର ହେବ

ଶୟନ[୧୨] ତେଜି ବିବିଧ ସୁରତି,
ଚଉଷଠୀ ବନ୍ଧେ କଲେକ ରତି,
କନ୍ୟା ଅନ୍ତପୁରେ[୧୩],
ଯେମନ୍ତେ ଗୃହେ ରହିଲ ଗୁପନରେ । ୨୫ ।

କେହି ନଜାଣଇଂ ଜାଣଇଂ ସଖୀ,
ଅମ୍ବୁବତୀ ପାଖେ ଥାଇ ନିରେଖି,
ଯେକ[୧୪] କାଠ ମେଢ଼େ ସ୍ତ୍ରୀଙ୍କ ବାସ,
ତହିଁଙ୍କ ଗମିଲ କେଉଂ ପୁରୁଷ,
କେହି ନଜାଣଇଂ,
ଗୃହେ ରହିଲ ଇଚ୍ଛାବତୀ ତହିଂ । ୨୬ ।

ଓଷ୍ଟାଯେ ଗୃହଅଡ଼େ ଖୋଜୁଥାନ୍ତି,
ଗୃହେ କେଣେ ଗଲ ଅନ୍ତ ନ ପାନ୍ତି,
ବୋଇଲେ ଆମ୍ଭଂକୁ ନକହି ଗଲ,
ଧର୍ମ ହୋଇଣ ସେ ଅନ୍ତର କଲ,
ଅନ୍ନ ବସ୍ତ୍ର ଦେଲ,
ଧର୍ମ ନନ୍ଦନ[୧୫] ପ୍ରତି-ପାଳିଥିଲ । ୨୭ ।

ସେ ଯାହା ଅର୍ଜିବ ଭୁଂଜିବ ତାହା,
ଦଇବ ଆଣି ଭେଟାଇଛି ଯାହା,

---

୧୨ । ସେୟନ (ପୋଥିପାଠ) ୧୩ । ଅନ୍ତେଶ୍ୱରପୁରେ (ପୋଥିପାଠ)
କିନ୍ତୁ ଉକ୍ତ ପାଠ ଦ୍ୱାରା ଅର୍ଥ ସଙ୍ଗତ ହେଉନାହିଁ ।
୧୪ । ଯେକ କାଠମେଢ଼ – ବିଶେଷ ପ୍ରହରୀ ନିଯୁକ୍ତଥିବା କନ୍ୟାନ୍ତଃପୁର ।
୧୫ । ଧର୍ମର ନନ୍ଦନ (ପୋଥିପାଠ) ।

ଆମ୍ଭ ସମ୍ଭାଳିବା'[୨୬] କସ ହୋଇଲା,
କାଳେ ଆମ୍ଭଂକୁ ଅପସ୍ଥତ'[୨୭] ଦେଲା,
ଧାତା ତାଂକୁ ରଖ,
ଯେତେ ବୋଲି ଗୁରୁ ମନେ ବିମୁଖ । ୨୮ ।

ସ୍ୱଭାବେ ଆଗମ ଶାସ୍ତ୍ର ଜାଣନ୍ତି,
ବିଦ୍ୟାରେ ପରିପୂର୍ଣ୍ଣ ସେ ଅଛନ୍ତି,
ତେଣୁକରି ସର୍ବ ଜାଣନ୍ତି ତାହିଂ,
ବେଳକୁ ସେ କଥା ଜାଣନ୍ତି ସେହି'[୨୮],
ଯେମନ୍ତ କୁମର,
ଲଭି ଆହିଲ କୁମାରୀ ସଂଗର । ୨୯ ।
ଯେତକର ଆଗେ ଆରେକ କହନ୍ତିଂ,
ରଭରେ଼ର ସଂଗେ ଇଚ୍ଛା ପୀରତ,
ଯେସନ ଧ୍ୱନି'[୨୯] ଶୁଭିଲା କଟେକ,
ବୋଲବୋଲି'[୩୦] ହୁଅନ୍ତି ସର୍ବ ଲୋକ,
ହୂତ ଯେ ଶୁଣିଲା,
ଭୂରଭେ'[୩୧] ରାଜା ଛାମୁରେ କହିଲା । ୩୦ ।

---

୨୬ । ସମ୍ଭାଳିଲ (ପୋଥିପାଠ)
କିନ୍ତୁ 'ସମ୍ଭାଳିବା' ଦ୍ୱାରା ଅର୍ଥ ସୁସ୍ପଷ୍ଟ ହୁଏ ।
୨୭ । ଅପସ୍ତୁତ—ଅପଖ୍ୟାତ ଅର୍ଥରେ
୨୮ । ଏ ପାଦଟିର ଅର୍ଥ ସ୍ପଷ୍ଟ ନୁହେଁ ।
୨୯ । ଖୁନ୍ନ (ପୋଥିପାଠ) ।
୩୦ । ବୋଲବୋଲି ହେବା—କୁହାକୁହି ହେବା ।
୩୧ । ଭୂରରେ (ପୋଥିପାଠ) ।

ଯେମନ୍ତ ତହିଁ କେତେ ଦିନ ଗଲା,
ଇଚ୍ଛାଗୃହେ ମୃଦୁସୁଲୀ ଦେଖିଲା,
କୁମାରୀ ଡରେ ସେ ନ କଲା ଗୋଳ,
ଯେକ ଆରେକ ସେ ମୁଖ ଚହିଲ,
ସେ କାହିଁ ରହିବ ?
ଅବଶ୍ୟ ସେହୁ ପ୍ରଘଟ[୬୨] ହୋଇବ । ୬୧ ।

ଶୁଣି ନୃପତି ଦୋସାଧୁ ହକାରି[୬୩],
ଚୋର ସଙ୍ଗେ ଇଚ୍ଛାବତୀ କୁମାରୀ,
ଧରି ଆଣି ମୋର ଛାମୁରେ ଦେବୁ,
ନୋହିଲେ ତୋ ବଂଶ ନଷ୍ଟେ ନାଶିବୁ
ତା ଦୋସାଧୁ ଶୁଣି,
ନଗ୍ର ପାଟଣା ଫେରି[୬୪] ଖୋଜେ ପୁଣି । ୬୨ ।

ରାଜା ନଗର ଯେକ କାଠି ପୁର,
କନ୍ଦ ବିକନ୍ଦ ଆଡ଼ ଓହାଡ଼ର[୬୫],
ସ୍ତିରି ମଧ୍ୟେ ପଶି ଠାବ ସେ କଲା,
ଅନେକ ଧନ ବସନ ବହିଲା[୬୬],
ଚୋର ଠାବ କଲା,
ସ୍ୱରୂପ ବନମାଳୀ ଯେ କହିଲା । ୬୩ ।

---

୬୨ । ପ୍ରଘଟ-ପ୍ରକାଶ । ୬୩ । ହକାରି — ଡାକି । ୬୪ । ଫେରି — ବୁଲି ।
୬୫ । ଓହାଡ଼, ଶୁଦ୍ଧପାଠ । ୬୬ । 'ବହିଲା' ପରିବର୍ତ୍ତେ 'ଯେ ଦେଲା' ହେଲେ, ଦୋସାଧୁ ଅନେକ ଧନ ବସ୍ତ୍ର ବିନିମୟରେ ଚୋର ଖୋଜି ବାହାର କରିବାରେ ସମର୍ଥ ହୋଇଥିଲା ବୋଲି ଅର୍ଥ ସୁସ୍ପଷ୍ଟ ହେବ ।

# ୪ଥ ଛାନ୍ଦ

## ରାଗ—କେଦାର

( କେଦାର ଚକ୍ରକେଳୀ ବାଣୀରେ ଗାଇବ )

ଏଥୁ ଅନନ୍ତରେ ଶୁଣ ସୁଜନ
ଲୁଠ ଇଚ୍ଛାବତୀ ରସ ବିଧାନ । ୧ ।
ରାଜା ଶୁଣିଣ ମହା କୋପ କଲା,
ନଗ୍ର ଦୋସାଧୁଁ[1] ଗୃହଂ ଆଂଗ୍ୟା ଦେଲା ।୨।
ତୁହ୍ମେ ରତ୍ତ ଚୋରକୁ ଧରନେବୁ,
ନେଇ ନଗ୍ରପ୍ରାନ୍ତେ[2] ଶିର ଛେଦବୁ । ୩ ।
ଯେତେ ଗରବ ତାହାର ହୋଇଲା,
ଯେକ କାଠି ମେଢ଼କୁ ସେ ଗମିଲା । ୪ ।
ଭଲ ଦୋସାଧୁ ପଣେ ରାଜ୍ୟେ ଥାଉ,
ଛିଦ୍ର କଥାମାନ ମୋତେ ନ କହୁ । ୫ ।
ଶୁଣି ଦୋସାଧୁ ପାଯେ ପଡ଼ି ଶୋଇଂ,
ଆଂଗ୍ୟା ପ୍ରମାଣେ ଚୋର ଧରିବଇଂ । ୬ ।
ଯେତେ ବୋଲି ଭାଲଇ ନିରନ୍ତର,
ଚୋର ଖୋଜିବି କେବଣ ପ୍ରକାର । ୭ ।
ଯେ ନଗ୍ର କଟକରେ ଚୋର ନାହିଂ,
ସ୍ତ୍ରିଗ୍ରି ନବରେ ଚୋର ଥିବ ରହିଂ । ୮ ।

---

୧ । ଦୋସାଧୁ=କଟୁଆଲ ବା ନଗର ରକ୍ଷକ ।
୨ । ନ...ପାନ୍ତେ (ପୋଥିପାଠ)

ସ୍ତିରୀ ମଧ୍ୟେ ଗମି ଭେଟ କରିବ,
ବହୁତ ଧନବସ୍ତ୍ର ମୁହିଂ ଦେବ[3] । ୯ ।
ଯେତେ ବୋଲି ସିଂହଦ୍ୱାର ଭିତରେ,
ନିତି ଗମଇଂ ଗୁପତ ପ୍ରକାରେ । ୧୦ ।
ଇଚ୍ଛାବତୀ ନିୟୋଗ ପରିବାରୀ[4],
ଯୁବାସ୍ତିରୀ ରମା ସେ ଯେ ସୁନ୍ଦରୀ । ୧୧ ।
କେହୁ ଜଳ ପୂରାଇ ଦେନିଗଲେ,
କେହୁ ନିୟୋଗ କ୍ରମରେ ଖଟିଲେ । ୧୨ ।
ନାନା ନିୟୋଗ ପରିବାରୀ ଯେତେ,
ରଜକାରୀ[5] ମାହାର[6] ଆଦି ଯେତେ । ୧୩ ।
ଯେହୁ ଇଚ୍ଛାବତୀର ସେ ଆସିବ,
କେବା ଜାଣିମ ଯେ ଚିତ୍ତ ତାହାଂକ । ୧୪ ।
ଧନ ବସନ ଦେଲକ ବହୁତ,
ରାଜା ମାରିବ ବୋଲି ଥାଇ ଦୂତ । ୧୫ ।
ତାଂକୁ କେହି ନ କହନ୍ତି ବଚନ,
କାହିଂ ଜାଣିମେ ଭେଦ କଥା ମାନ । ୧୬ ।
ଯେକ ମୃଦୁସୁଲୀ ନାମେ ମଦନା,
ପରଦୁଃଖେ ଜାଣେ ସେହୁ ବେଦନା । ୧୭ ।

---

୩ । ଧନବସ୍ତ୍ର ମୁହିଁ ନେବ (ପୋଥିପାଠ)

୪ । 'ପରିବାରୀ' ଶବ୍ଦ ସେବକା ଅର୍ଥରେ ପ୍ରୟୋଗ ହୋଇଛି । ଯଥା ପୋଇଲି ପରିବାରୀ ।

୫ । ରଜକାରୀ = ଧୋବଣୀ ।

୬ । ମାହାର ପଦ ମେହନ୍ତରାଣୀ ଅର୍ଥରେ ବ୍ୟବହୃତ ହୋଇଛି ।

ଦିନେ ପଚାରିଲେ ସେ ଦୋସାଧୁଙ୍କୁ,
ତୁମ୍ଭେ କିନମନ୍ତେ ଆସ ଯେଟିଙ୍କୁ । ୧୮ ।
ସ୍ତ୍ରୀ ଗ୍ରୀ ଭିତରେ ପୁରୁଷେକ ଦେଖି,
କର୍ମା ନବରକୁ ଆସ ନାରେଖି । ୧୯ ।
କାହ୍ନ ଦୋସାଧୁ ବୋଲେ ଶୁଣ ମାୟେ,
ରାଜା ବିଷାବଳା[୭] ଦେବ ନଷ୍ଟୟେଂ । ୨୦ ।
ୟେକ କାଠି ମେଢ଼ରେ ରଖ ଚୈର,
ଇଚ୍ଛାବତୀ ସଂଗେ ତାର ବିଚାର । ୨୧ ।
ୟେହ୍ନୁ କଣ୍ଠକେ ଗୋଲ ବାଜୁଅଛୁ,
ରାଜା ଭକରାଇଂ ମୋତେ ତର୍ଜିଚ୍ଛୁ[୮] । ୨୨ ।
ଚୈର ଧରି ଦେବୁ ଆମ୍ଭ ଛାମୁର,
ନାହିଂ[୯] ବଂଶ ମାରିବ ତୋ ନକର । ୨୩ ।
ମାୟେ ତୁମ୍ଭେ ମୋ ବଂଶ ରକ୍ଷା କର,
ଧନ ବସନ ନାଅସି ଅପାର । ୨୪ ।
ଚୈର କେମନ୍ତେ[୧୦] ଭେଟାଇବ ମୋତେ,
ତୁ ମୋ ଧର୍ମମାତା ଅଟୁ ଯୁଗତେ[୧୧] । ୨୫ ।
ପାଦ ଟାରିଣି ଦୋସାଧୁ ଶୋଇଲା,
ଶୁଣି ମଦନା ମନେ ଦୟାକଲା । ୨୬ ।

---

୭ । ବିଷାବଳଦେବା – ବିଷଦେଇ ମାରିବା ।

୮ । ତଜଛୁ (ପୋଥିପାଠ) ତର୍ଜିଛୁ – ତର୍ଜନା ଦେଉଛୁ ।

୯ । 'ନଇଲେ ନଷ୍ଟହୁ ତୋ ବଂଶ ମାରିବ' ଏ ପାଦର ଅର୍ଥ ।

୧୦ । କେମନ୍ତେ – କୌଣସି ପ୍ରକାରରେ ।

୧୧ । ଯୁଗତେ – ପ୍ରକୃତରେ ।

ବୋଲେ ସନ୍ଧ୍ୟାରେ ସ୍ତିରି ବେଶ ଧର,
ଯାଇ ପଶିବୁ ଯେକ କାଠି ପୁରୀ । ୨୭ ।
ଚୋର ଇଚ୍ଛାବତୀ ଯେକ ପଲଂକେ,
ନାନା କ୍ରୀଡ଼ା କରୁଥିବେ[୧୨] ନିଃଶଂକେ । ୨୮ ।
ତାକୁ ସମସ୍ତ ମଣାଇଂ[୧୩] କହିଲ,
କେହି ନଜାଣନ୍ତି ଯେହ୍ନା ବୋଇଲ । ୨୯ ।
ଶୁଣି ଦୋସାଧୁ ମନରେ ହରଷ,
ଯେହି କଥାତ ଅଟଇ ଯୁଗତ[୧୪] । ୩୦ ।
ଦୁଃଖ ସୁଖେଣ ଦିବସ ରହିଲ,
ସ୍ତିରି ରୂପେଣ ଦୋସାଧୁ ପଶିଲ । ୩୧ ।
ଆସି ମିଳିଲ ଯେକ କାଠି ପୁରୀ,
ଯହିଂ ଅଛନ୍ତି କୁମର କୁମାରୀ । ୩୨ ।
ଯାହା ମଦନା ତାକୁ କହିଥିଲ,
ସେହି ରୂପରେ ଚୋରକୁ ଦେଖିଲ । ୩୩ ।
ରଜ୍ଜୁ[୧୫] ଘେନଣ କଣ୍ଠିରେ ବାନ୍ଧିଲ,
ନିଜ ଘରକୁ ବୋଲି ଘେନିଗଲ । ୩୪ ।
ଇଚ୍ଛାବତୀ ମରଡ଼ାଣାଲେ[୧୬] ଥିଲେ,

---

୧୨ । 'କରୁଥିବ' (ପୋଥିପାଠ), କିନ୍ତୁ ଇଚ୍ଛାବତୀ ଓ ଚୋର ଦୁହେଁ କ୍ରୀଡ଼ା କରୁଥିବେ ହେବା ସଙ୍ଗତ ।

୧୩ । ମଣାଇଂ — ବୁଝାଇ ।

୧୪ । ଯୁଗତ (ପୋଥିପାଠ), 'ଯୁଗତ' (ଯୁକ୍ତିଯୁକ୍ତ) ଶବ୍ଦ ଦ୍ୱାରା ଅର୍ଥ ପ୍ରକାଶରେ କୌଣସି ବାଧା ଉପସ୍ଥିତ ହେଉ ନଥିଲେହେଁ ଉଭୟ ପାଦର ଶେଷ ଅକ୍ଷର ସମାନ ହେଉନାହିଁ ।

୧୫ । ରେଯୁ (ପୋଥିପାଠ) । ୧୬ । ଅର୍ଥ ଅସ୍ପଷ୍ଟ ।

ଶୁଣି ସେହୁ ଭୂମିରେ ମୋହଗଲେ । ୩୫ ।
ସବୁଠାରେ ବାଜଇ (ସେ)[୧୭] ଚହଳ,
ରତ୍ନଗ୍ରେରକୁ[୧୮] ଧଇଲା କଣ୍ଠୁଆଳ । ୩୬ ।
ଇଚ୍ଛାବତୀର ପ୍ରାଣ ଛାଡ଼ିଗଲା,
ଚୋର ଦୋସାଧୁ ଘରେ ବନ୍ଦହେଲା । ୩୭ ।
ସେହିଠାରୁ ରଜନୀ ପାହିଲା,
ଦୋସାଧୁହିଂ ନିତ୍ୟକର୍ମ ସାରିଲା । ୩୮ ।
ରାଜା ଆସ୍ଥାନେ କରି[୧୯] ବସିଛନ୍ତି,
ଯାଇଣ ଦୂତ ଛାମୁରେ ଜଣାନ୍ତି । ୩୯ ।
ଦେବ ଶୁଣିମା ହେଉ ସାବଧାନ[୨୦],
ଦୋସାଧୁ ଆସୁଅଛି[୨୧] ଚୋର ପୁଣ । ୪୦ ।
ରାଜା ବୋଲେ ବେଗେ ଆସ[୨୨] ଛାମୁକୁ,
ନଗ୍ରଲୋକେ ବେଢ଼ିଛନ୍ତି ତାହାକୁ । ୪୧ ।
ସେହିକ୍ଷଣେ କହନ୍ତି ନୃପତି ଛାମୁର,
ନଗ୍ର ଦୋସାଧୁ ଆଣୁଅଛି ଚୋର । ୪୨ ।

---

୧୭ । 'ସେ' ଅକ୍ଷରଟି ପୋଥିରେ ନାହିଁ ।
୧୮ । 'ରତ୍ନଗ୍ରେରେ' ହୋଇଥିଲେ ଛନ୍ଦଭଙ୍ଗ ହୁଅନ୍ତା ନାହିଁ ।
୧୯ । 'ରାଜା ଆସ୍ଥାନେ ବିଜେ କରିଛନ୍ତି' ହେଲେ ସୁନ୍ଦର ହେବ ।
୨୦ । ସାବଧାନେ (ପୋଥିପାଠ)
୨୧ । ଆସୁଅଛି ସ୍ଥାନରେ 'ଆଣୁଅଛି' ହେଲେ ଅର୍ଥ ସୁସ୍ପଷ୍ଟ ହେବ ।
୨୨ । 'ଆସ' ପରିବର୍ତ୍ତେ 'ଆଣ' ହେବା ଅଧିକ ଯୁକ୍ତିଯୁକ୍ତ ।

ନଗ୍ର ଲୋକେ ଧନ୍ୟ ଧନ୍ୟ କରନ୍ତି,
କୁମର ମୂର୍ତ୍ତି[୧୪] ଦେଖି ମୋହ ଯାନ୍ତି । ୪୩ ।
ଧନ୍ୟ ପୁରୁଷ ଧନ୍ୟ ପିତା ମାତା,
ପୃଥୀ ଭିତରେ ଗଢ଼ିଛି ବିଧାତା । ୪୪ ।
ଇଚ୍ଛାବତୀ କି ଯୋଗ୍ୟା ମୁରୁଚ୍ଛିବ[୧୫].
ଯୋଗ୍ୟା ମଲେ ଇଚ୍ଛା ନଷ୍ଟେଂ ମରିବ । ୪୫ ।
ଚୋର ଅଣ୍ଟାରେ ଦଉଡ଼ି ବାନ୍ଧିଛନ୍ତି,
ବେକେ ଗଲଥା[୧୬] ମାରି ଆଣୁଅଛନ୍ତି । ୪୬ ।
କସେ ରୂପକୁ କାମ ପଟାନ୍ତର,
ଯେଉଁ ସୁନ୍ଦର ନାହିଂ ପଟାନ୍ତର । ୪୭ ।
ରାଜା ସମ୍ମୁଖରେ ନେଇ ଭେଟାଇଲେ,
ଦେଖି ଭୋଜ ନୃପତି ମୋହଗଲେ । ୪୮ ।
ଗୃହିଂ ବୋଇଲେ ଇଚ୍ଛାକୁ ଭର୍ଜନ[୧୭]
ଯୋଗ୍ୟ ଅଟଇ ନୃପତି ନନ୍ଦନ । ୪୯ ।
ଜେମା ସାଦ୍ରିଶେ[୧୮] ଯେ ବର ଅଟଇ,
ଯୋଗ୍ୟ[୧୯] ଆମ୍ଭ ମନକୁ ତ ଖଟଇ । ୫୦ ।
ଯୋଗ୍ୟା ମଲେ ଜେମା ନଷ୍ଟେଂ ମରିବ,
ଦେଖି ଜାଣିମା କେମନ୍ତ ପଡ଼ିବ[୨୦] । ୫୧ ।

---

୧୪ । ମୂର୍ତ୍ତି । ୧୫ । ମୁରୁଚ୍ଛିବ = ତେଜ । ୧୬ । ଗଲଥା = ଗଣ୍ଡିଆ ବା ବେକରେ ଧକ୍କା । ୧୭ । ଭର୍ଜନ = ଭଜନ (ଯୋଗ୍ୟ) ଶବ୍ଦର ଅପଭ୍ରଂଶ ।

୧୮ । ସାଦ୍ରିଶେ = ସଦୃଶ ପଦର ଅପଭ୍ରଂଶ । ୧୯ । ଯୋଗ୍ୟା ହେବା ବିଧେୟ ।

୨୦ । 'ପଡ଼ିବ' ବଦଳରେ 'ହୋଇବ' ପ୍ରୟୋଗ ଦ୍ୱାରା ଅର୍ଥ ସ୍ପଷ୍ଟ ହେବ । ଅର୍ଥାତ୍ ଏହାପ୍ରତି ଜେମାର ମନୋଭାବ କଣ ତାହା ପରୀକ୍ଷା କରିବା ଲାଗି ରାଜା ସ୍ଥିର କଲେ ।

ଏହା ବିପ୍ରର ରାଜା ଅବଧାରି[୩୧],
ଆମ୍ଭ ଜୁଆଇଁ ଅଟୁ ଦେଶାନ୍ତରୀ[୩୨] । ୫୨ ।
ରାଜା ପ୍ରସନ ଗୂଢର ବଚନ,
ରାଜା ଭାଷାକୁ ହୋଇ ଅବଧାନ । ୫୩ ।

ଯେବେ ଭାନୁ ଉଇଁମ ପଶ୍ଚିମରେ,
ବିଚଳିତ ମେରୁଗିରି ଶିଖରେ । ୫୪ ।
ଇନ୍ଦ୍ର ଦେବତା ଅଗ୍ନି ବରଷିବ,
ଗିରିଶିଖରେ କୁମୁଦ ଫୁଟିବ । ୫୫ ।
ବାରିନିଧି ଯେବେ କୂଳ ଲଙ୍ଘିବ,
ତେବେ ମହତ[୩୩] ବାକ୍ୟ ନ ଟଳିବ । ୫୬ ।
ମହାପୁରୁଷ ଯେହୁ ବୋଲିବନ୍ତି,
ଯିବ ଗଲେହେଁ ବଚନ ପାଳନ୍ତି । ୫୭ ।
ତୁମ୍ଭେ ବଂଶିକ[୩୪] ଭୋଜ ନୃପବର,
ଯାହା ବୋଲିଛ କରିବ ନକର । ୫୮ ।
ଏହା ଶୁଣି ଭୋଜ ରାଜା ଚକିତ,
ଯେହୁ ପଣ୍ଡିତ ଅଟେ ବିଦ୍ୟାବନ୍ତ । ୫୯ ।
ଏହିତେ ବିତପନ[୩୫] କାହିଁ ନ ଦେଖି,
ଭାଗ୍ୟ କରିଥିଲି ମୋ ଚନ୍ଦ୍ରମୁଖୀ । ୬୦ ।

---

୩୧ । ଅବଧାରି=ନିଶ୍ଚିତ କରି । ୩୨ । 'ହେ ବିଦେଶୀ, ତୁ ମୋର ଜୁଆଇଁ ହେବୁ' ଏହା ମନରେ ସ୍ଥିର କଲେ । ୩୩ । ମହତ୍ (ପୋଥିପାଠ)

୩୪ । ବଂଶିକ=ସଦ୍‌ବଂଶଜ । ୩୫ । ବିତପନ=ବ୍ୟୁତ୍ପନ୍ନ ।

ଯେହ୍ନା ମାରନ୍ତ ବହ୍ନନ ନୁହଇ,
କଥା ବୁଝିବା ଧର ତାଙ୍କୁ ନେଇ । ୬୧ ।
ଯେଥୁ କସ ହେବ ପରମାଣିମା[୩୬],
ଭଲ ସଂକେତ ସବୁହିଂ ଜାଣିମା । ୬୨ ।
ଯେଥୁଅନ୍ତେ ଦୋଷାଧୁ ହକାରନ୍ତି,
ତୁହ୍ନକର ତାଂ କାନରେ କହନ୍ତି । ୬୩ ।
ଯେହ୍ନୁ ମାରିବା ପଦାର୍ଥ ନୁହଇ,
ଯେହ୍ନା ମଲେ କେ କେମାକୁ ଜିଆଇ । ୬୪ ।
ତାଙ୍କୁ ଖଡ଼ଗ[୩୭] ପ୍ରହାରିବୁ ନାହିଁ,
ଜିଆଇ ଭୟ ଦେଖାଇବୁ ନେଇ[୩୮] । ୬୫ ।
ରାଜା ଦୋଷଧୂ ଯେମନ୍ତ ବଚ୍ଚର,
କେହ୍ନ ନ ଜାଣନ୍ତି ଜନ ବାହାର[୩୯] । ୬୬ ।
ରାଜା ବାହ୍ୟରେ[୪୦] ବୋଇଲେ ବଚନ,
ନେଇଂ ବଷାବଳ ଦଅ ବନ୍ଧନ । ୬୭ ।
ରାଜା ଆଗ୍ୟାଂରେ ଦୋଷାଧୁ ଚଳିଲା,
ନଗରବାହାରେ ଶମଶାନେ ନେଲା[୪୧] । ୬୮ ।
ରୋଷେ ଖଡ଼ଗ ଧଇଲା ହସ୍ତର,
ନେଇଂ ବସାଇଲା ଗ୍ରୀଠ କନ୍ଧର । ୬୯ ।
ଇଷ୍ଟ ସୁମରଣା କର ତୋହର,
ରାଜା ନବଟିରେ ପଶୁ ଛୋହ୍ନ ଘର । ୭୦ ।

---

୩୬ । ପରମାଣିମା = ବୁଝିବା ।

୩୭ । ଖଡ଼କ (ପୋଥିପାଠ) । ୩୮ । ଏହି ପାଦଟି ମୁଂଜଅମ୍ ପୋଥିରେ ନାହିଁ । ୩୯ । ବୋଲ (ପୋଥିପାଠ) । ୪୦ । ବାହ୍ଡ଼ୀ (ପୋଥିପାଠ) ।

୪୧ । କଲା । (ପୋଥିପାଠ) ।

ସ୍ୱୈର ବୋଲଇ ମୋର ଦୋଷ ନାହିଂ,
ଇଚ୍ଛାବତୀ ନେଲା ମୋତେ କଢ଼ାଇ । ୭୧ ।
ଆଜ ବେଲତ ନିଶ୍ଚୟୁ ମରିବି,
ଇଚ୍ଛାବତୀଙ୍କ ନିଶ୍ଚୟୁ ଦେଖିବି । ୭୨ ।
ତାର ସମ୍ପୂର୍ଣ୍ଣ ଚନ୍ଦ୍ରମାବଦନ,
କାମ ଦହିବ ଲୋଚନ ଅଞ୍ଜନ । ୭୩ ।
ଶୁଣ ଦୋସାଧୂ ବଚନ ମୋହର,
ଜଗନ୍ନାଥ[୪୨] ଭାବନ୍ତି ନିରନ୍ତର । ୭୪ ।
ନିତ୍ୟେ ଜପୁଛନ୍ତି[୪୩] ନାମ ଯାହାର,
ବ୍ରହ୍ମା ଇନ୍ଦ୍ରଦେବ ଜଗୁ ସୋଦର । ୭୫ ।
ଅହେ ଦୋସାଧୂ ମୁହିଂ ଭାଗ୍ୟବନ୍ତ,
ଇଚ୍ଛାବତୀ ସଂଗତେ ପ୍ରୀତି ଜାତ[୪୪] । ୭୬ ।
ପୂର୍ବେ ଦଶଶିର[୪୫] କଲା ତରଜା[୪୬],
ହରିନେଲା ରାମଚନ୍ଦ୍ର ଭାରିଜା । ୭୭ ।
ସ୍ୱୈକା ଯୁକ୍ତ ରଥରେ ବସାଇଲା,
ସ୍ୱୈତେକକୁ[୪୭] ଦଶଶିର ଛେଦିଲା । ୭୮ ।
ମୋର ସ୍ୱୈକ ତର ଜଗତେ ମାତର,
ସୁଖ ଲଭିଲି କୁମାରୀ ସଙ୍ଗର । ୭୯ ।
ମୋତେ ବାରେ ଦେଖାଇକନା ପୁଣି,
ଜୀବ ଯିବାକୁ ମୁକତ ତରୁଣୀ । ୮୦ ।

---

୪୨ । ଯଗର୍ନାଥ (ପୋଥିପାଠ) ।
୪୩ । ଯେ ପୁଛନ୍ତି (ପୋଥିପାଠ) । ୪୪ । ଶୃତଜାତ (ପୋଥିପାଠ) ।
୪୫ । ଦଶଗିର (ପୋଥିପାଠ । ୪୬ । ତରଜା = ତର୍ଜନା ।
୪୭ । ସ୍ୱୈତେକକୁ = ଏଥି ନିମିତ୍ତ ।

ଶୁଣି ଦୋସାଧୁ ଖଡ୍‌ଗ ଝମକଲା,
ଆରେ ନଳଙ୍କ ଚୋ[୪୮] ଗ୍ରୁର ବୋଇଲା । ୮୧ ।
ଜୀବ ଯିବାବେଳେ କୃଷ୍ଣ ନ ଧରୁ,
ସ୍ତ୍ରୀ ଅବଳା ଗ୍ରୁରକୁ ସୁମରୁ । ୮୨ ।
ଶୁଣି ଗୃଠ ମନେ ବ୍ୟଥା ପାଇଲା,
ଇଚ୍ଛାବତୀ ଗ୍ରୁର ଚୋଟେ ହୋଇଲା[୪୯] । ୮୩ ।
ଯେଉଂ ଶ୍ରୀରାମ ନାମ ଧନ୍ତ୍ର ନଟେୟ
ସେହ ଇଚ୍ଛାକୁ ଭବୁଥାଇ ନଚେୟ[୫୦] । ୮୪ ।
ପ୍ରେହମତ୍ତ ହୋଇଣ ଉତ୍ତଗ୍ରେର,
ଉଇ ବାଚ ଶମଶାନ ଭୂମିର । ୮୫ ।
ଇଚ୍ଛାବତୀ ଯେ ମୋହ ଯାଇଥିଲେ,
ଗୃଠ ମରୁଛି ବୋଲିଣ ଶୁଣିଲେ । ୮୬ ।
ଲାଜ ସଂକୋଚ[୫୧] ସମସ୍ତ[୫୨] ଛାଡ଼ିଲେ,
ଟ୍ରେକକାଠିରୁ ବାହାର ହୋଇଲେ । ୮୭ ।
ବସ୍ତ୍ର ଲେଟି ପଡୁଅଛି ଭୂମିର,
ଫିଟି ଜବେଶ୍ୱ ଚରମେ[୫୩] ତାହାର । ୮୮ ।
ଯାଇ ଶମଶାନେ[୫୪] ନୃପତି ଜେମା,
ରାହୁ ଆବୋରିଲା ଯେହ୍ନେ ଚନ୍ଦ୍ରମା । ୮୯ ।

---

୪୮ । ଚୋହ (ପୋଥିପାଠ) ।

୪୯ । ହୋଇ (ପୋଥିପାଠ) । ୫୦ । ଏହି ପାଦଟିର ଅର୍ଥ ସ୍ପଷ୍ଟ ଜଣାଯାଉ ନାହି

୫୧ । ସକୋଚ (ପୋଥିପାଠ) । ୫୨ । ସସ୍ତ (ପୋଥିପାଠ) ।

୫୩ । ଚରମ = ପୃଷ୍ଠଭାଗ । ୫୪ । ସୁସାନେ (ପୋଥିପାଠ) ।

ଲୋଚନରେ ଅଞ୍ଜନ ଘସିଯାଇ,
ମୁଖ କମଳ ଆଛା[୫୫] ନ ଦିଶଇ । ୯୦ ।
କୁମରଙ୍କୁ ଗୁହାଂଣ ଶୋକକରି,
ଆହା ପ୍ରାଣନାଥ [୫୬] ମୋ ଯେତେ ସରି । ୯୧ ।
ଆରେ ମୁଂ ଘୁରି ଅଟେ ପାପ ନାଶି,
ତୋର ଅଙ୍ଗ ଛୁଇଂଲି କେଣୁ[୫୭] କରି । ୯୨ ।
ମହେଶଙ୍କୁ ଖଣ୍ଡିତପ କରିଛୁ,
ତେଣୁ ମୁଂ ତୋତେ ସେବି ନ ପାରୁଛୁ[୫୮] । ୯୩ ।
ଆରେ ଦୋସାଧି ମୋର ବୋଲ ଶୁଣି,
ତୋହ ପାଦରେ ପଶୁଛୁ ଶରଣ । ୯୪ ।
ଦନ୍ତେ ତିରଣ ଧରିଣ ମାଗଇ,
ଯେ ପରଦେଶୀ ସୁଜନ ଅଟଇ । ୯୫ ।
ଆରେ ଯେହାକୁ ମୋ ଆଗେ ନ ମାର,
ଯେବେ ମାରିବୁ ଆଗେ ମୋତେ ମାର । ୯୬ ।
ଯେ ଯେ ପୁରୁଷମାନଙ୍କ ଉତ୍ତମ,
ମୋହ ଘୁରି କି ଯେହାକୁ ଭର୍ଜନ । ୯୭ ।
ତୋତେ ଲକ୍ଷେ କୋଟି ଧନ ଦେବଇଂ
ପରିବାରି ପଣେ ଥିବି ବନୋଇ[୫୯] । ୯୮ ।
ଗୁରୁବ୍ରହ୍ମକୁ[୬୦] ମୋତେ ଦାନ ଦିଅ,
ଯେବେ ନାଶିବୁ ଦୁଇ ପ୍ରାଣ ନିଅ । ୯୯ ।

---

୫୫ । ଆଚ୍ଛା ସୁନ୍ଦର ଅର୍ଥରେ ବ୍ୟବହୃତ । ୫୬ । 'ପ୍ରାଣନାଥ ମୋ' ପରିବର୍ତ୍ତିରେ 'ମୋ ପ୍ରାଣନାଥ' ହେବା ଅଧିକ ସମୀଚୀନ ।

୫୭ । ତେଣୁକରି = କାହିଁପଇଁ ଅର୍ଥରେ । ୫୮ । ପାରୁଛୁ (ପୋଥିପାଠ)

୫୯ । ବନେଇ = ବନୀତ ହୋଇ ।

୬୦ । ଗୁରୁ ବ୍ରହ୍ମା । (ପୋଥିପାଠ)

ଶୁଣି ଦୋସାଧୁ ବୋଲଇ ବଚନ,
ତୁ ଯେ କହୁଛୁ ମୋ ଆଗେ ଏମନ । ୧୦୦ ।
ନିଜ ବଳିଛୁତ ନାହିଁ ତୋହର[୭୧],
ନାର ବଳିକ୍ଷିତ ନାହିଁ ଆଚର । ୧୦୧ ।
ରାଜ୍ୟ ଭ୍ରଘଟ[୭୨] ହୋଇଲା ଅପାର,
ରାଜକେମା ତାହା ସଙ୍ଗେ ପ୍ରଗୃର । ୧୦୨ ।
ଆନ ନୃପତି ନାକେ ହାତ[୭୩] ଦେବେ,
ନିଜେ ଭୋଜଚନ୍ଦ୍ରବର୍ତ୍ତୀ[୭୪] ରହିବେ । ୧୦୩ ।
ଯେତେଣେ କୁଳକୁ କଳଙ୍କ ଥୋଇଲୁ,
ନଷ୍ଟେଂ କୁଳଟା ନାରୀ ତୁ ହୋଇଲୁ[୭୫] । ୧୦୪ ।
ଜେମା ବୋଲନ୍ତି ଶୁଣ ମୋ ଉତ୍ତର,
ପିତା ଦେବେ ତ ମୋତେ ଏକ ବର । ୧୦୫ ।
ମୋର ଆନ ବରରେ କାର୍ଯ୍ୟ ନାହିଁ,
ଯେତେଣେ ସୁଜାଣ ମୁଁ ପାଇବ କାହିଁ । ୧୦୬ ।
ଆରେ ପୃଥିରେ ଯେତେକ ନୃପତି,
ଗୁରୁବ୍ରହ୍ମକୁ ଧ୍ୟେୟ କରୁଥାନ୍ତି । ୧୦୭ ।
ନଷ୍ଟେଂ ଏହାକୁ ଯେବେ ତୁ ମାରବୁ,
ସ୍ତ୍ରୀହତ୍ୟା ଅନେକ ତୁ ପାଇବୁ । ୧୦୮ ।
ଏହା ମଲେ ସର୍ବ ସ୍ତ୍ରୀଗ ମରିବେ,
ଆଉ ପୃଥିରେ କେ ଯେନ ରହିବେ । ୦୯ ।

---

୭୧ । ଏ ଦୁଇଟି ପାଦର ଅର୍ଥ ଆଦୌ ସୁସ୍ପଷ୍ଟ ନୁହେଁ ।
୭୨ । ଭ୍ରଘଟ = ପ୍ରଗୃର । ୭୩ । ହାଥ (ପୋଥିପାଠ)
୭୪ । ଚକ୍ରବର୍ତ୍ତି (ପୋଥିପାଠ) । ୭୫ । ପାଦ ଦୁଇଟିର କିମ୍ବା ଥୋଇଲ' 'ହୋଇଲ' ମୁଂଜସ୍ପୃମ୍ ପୋଥିରେ ଅଛି ।

ଇଚ୍ଛାବନ୍ତ ଦୋସାଧୁ ତଥା ହୋନ୍ତେ,
ସେକ ବେତାଳ ମିଳିଲା ତୁରତେ । ୧୧୦ ।
ଗୁରୁବ୍ରହ୍ମଙ୍କୁ ଦେଖିଲା ବେତାଳ,
ସେତ ମଦନ ବ୍ରହ୍ମର ଦୁଲାଳ । ୧୧୧ ।
ଆହୋ ଦୋସାଧୁ ସେହାକୁ ନ ମାର,
ରଜା ଜାଣିମା ଯାସେଂ ରକ୍ଷାକର । ୧୧୨ ।
ସେହୁ ରଜାର[୭୬] କୁମର ଅଟଇ,
ସେହା ମନକୁ ନାଶ ନ ଖଟଇ । ୧୧୩ ।
ପିତା ତେଜ ଅଇଲା ସେତେଦୂର,
ଆସି ସେଥେ ତ ଯାଉଅଛୁ ମାର । ୧୧୪ ।
ସେତେ କହି ବେତାଳ ଧାଇଂଗଲା,
ଭୋଜ ରଜାର ଆସ୍ଥାନେ[୭୭] ମିଳିଲା । ୧୧୫ ।
ରଜା ଗ୍ରୁମୁରେ କବନ୍ଧ ପଡ଼ିଲେ,
ଭୋଜରଜା ଶୁଣିଣ ମୋହଗଲେ । ୧୧୬ ।
ତାର କବନ୍ଧ ଶୁଣି ଭୋଜରସେ,
ଜାନୁ କମ୍ପଇ ଥରହର କାସେ । ୧୧୭ ।
ତାକୁ ବୋଲନ୍ତି ମାଗ ଭାଟରସେ,
ଯାହା ମାଗିବୁ ଦେବଇଂ ନିଶ୍ଚସେ । ୧୧୮ ।
ଭାଟ ବୋଲଇ ଶୁଣ ନୃପବର,
ଯାହା ମାଗିବି ସତ୍ୟ ମୋତେ କର । ୧୧୯ ।
ରାଜା ବୋଲନ୍ତି ସତ୍ୟ ନରାଧାର[୭୮],
ଗୁରୁବ୍ରହ୍ମ କୁମାରକୁ ନ ମାର । ୧୨୦ ।

---

୭୬ । ରଜାର (ପୋଥିପାଠ) । ୭୭ । ଆସ୍ଥାନେ (ପୋଥିପାଠ) ।
୭୮ । ନରାଧାର = ପ୍ରତିଜ୍ଞାପୂର୍ବକ, ଏଭଳି ପ୍ରୟୋଗ ଅଦ୍ୟାପି ପ୍ରଚଳିତ ।

ଯେଉଁ ମଦନ ବ୍ରହ୍ମ ନ ମରଇ,
ଗୁରୁବ୍ରହ୍ମ ବୋଲି ତାର ନଡରଇ ।୧୨୧।
ପିତାଠାରୁ ମନସ୍ତାପେ[୬୯] ଅଇଲା,
ଯହୁଁ ମନକୁ ନଷ୍ଟ ନ ଘଟିଲା ।୧୨୨।
ରଥ ଗଜ ନବର ତା[୭୦] ବହୁତ,
ମହାପ୍ରତାପୀ ସେହୁ ନରନାଥ ।୧୨୩।
ତାକୁ ଯେବେ ମାରିବୁ ନରପତି,
ଆଉ ପାଇବୁ ଠିକ ନରପତି ।୧୨୪।
ରାଜା ଏମନ ବଚନ ଶୁଣିଲେ[୭୧],
ବେଗେ ଦୋସାଧୁ ହକାରି ଆଣିଲେ[୭୨] ।୧୨୫।
ଆରେ ଗୈରକୁ ବେଗେ ଘେନିଆସ
ସେତ[୭୩] ବଡ଼ ଲୋକର ଅଟେ ଶିଷ ।୧୨୬।
ଯହୁଁ ଏମନ ଦୋସାଧି ଶୁଣିଲା,
ଗୁରୁବ୍ରହ୍ମକୁ ବେଗେ ଘେନିଗଲା ।୧୨୭।
ରଘୁନାଥ ଆରତ ଫିଟାଇଲେ,
କେମା ଅନ୍ତଃପୁରକୁ ଚଳିଗଲେ ।୧୨୮।
ବେଗେ ଦୋସାଧି କୁମରକୁ ନେଲା,
ରାଜା ଛାମୁରେ ନେଇଁ ବସାଇଲା ।୧୨୯।

---

୬୯ । ମନତାପେ (ପୋଥିପାଠ) ।

୭୦ । ରଥ ଗଜ ନବର ସେ ବହୁତ (ପୋଥିପାଠ) । ୭୧ । ଶୁଣିଲା (ପୋଥିପାଠ) ।

୭୨ । ଆଣିଲା (ପୋଥିପାଠ) । ୭୩ । ସେହୁ (ପୋଥିପାଠ) ।

ମହାରାଜା[୭୪] ଯେ ଭୋଜ ଚକ୍ରବର୍ତ୍ତୀ[୭୫],
ଚୋରର ସଙ୍ଗେ[୭୬] ଘେନ ବଚେ କରନ୍ତି । ୧୬୦ ।
ଦ୍ରବ୍ୟ ମାଜଣା ଶ୍ରାହାନ[୭୭] ଭୋଜନ,
ରାଜା ଗୃହକୁ ଘେନ ସାବଧାନ । ୧୬୧ ।
ବଲ୍ଭ ଉଛବ ବାଧି ପଶୁରନ୍ତି,
ଧାନ ବନମାଳୀ ରସେ ଗାବନ୍ତି । ୧୬୨ ।

---

୭୪ । ମାହାରାଜ (ପୋଥିପାଠ)

୭୫ । ଚକ୍ରବର୍ତ୍ତି (ପୋଥିପାଠ) । ୭୬ । ଚୋରର ସଙ୍ଗେ (ପୋଥିପାଠ)

୭୭ । ଶ୍ରାହ୍ନୀନ = ସ୍ନାନ ଅର୍ଥରେ ।

# ପଞ୍ଚମ ଛାନ୍ଦ

## ରାଗ—ମଙ୍ଗଳ ଗୁଜ୍ଜରୀ

ଶୁଣ ସାବଧ୍ୟାନେଣ[1] ପଣ୍ଡିତ ଭାଗ୍ୟବନ୍ତ ।
ଶୁଣ ଇଚ୍ଛାବତୀ ବିଭାବିଧି ଯେ ସମସ୍ତ ହେ । ୧ ।
ତେଜ ନୃପ ଆଂଜ୍ଞା ଦେଲେ ଶୁଣ ମନ୍ତ୍ରୀବର[2] ।
ଅନେକ ସମ୍ପଦେ ଗୃହେ ଇଚ୍ଛା ବିଭା କର ହେ ॥ ୨ ॥
କୁଳୀନ[3] ପଣ୍ଡିତ ସେ ମହନ୍ତ ରାଜା ସୁତ ।
ଇଚ୍ଛାବତୀ କୁମାରୀ କ ଅଟଇ ବହୁତ ହେ ॥ ୩ ॥
ମଦନ ବ୍ରହ୍ମ ବୋଲଣ ସେହୁ ସେ ରାଜନ ।
ଗୃହ ବ୍ରହ୍ମ ବୋଲି କର ତାହାର ନନ୍ଦନ ହେ ॥ ୪ ॥
ନୋହିଲେ ଦଇବ ଭେଟାଇଅଛୁ ଆଣି ।
ପୂର୍ବର ଭିଆଣ ଯାହା ବିଧାତା ନିର୍ବାଣି[4] ହେ ॥ ୫ ॥
ଇଚ୍ଛାବତୀ ମନ ଯେହ୍ନାଠାରେ ବନ୍ଧ ହେଲା ।
ଦୁହେଁ ଦୁହିଁଙ୍କ ସମାନ ନୃପତି ବୋଇଲା ହେ ॥ ୬ ॥
ପ୍ରସନ କରଣ ରନ୍ଧୁ ବେଦ ନିର୍ବାଢ଼ିବ[5] ।
ସଂପୂର୍ଣ୍ଣ କରଣ ଦଶ ପାବଚ୍ଛୁ କରିବ ହେ ॥ ୭ ॥
ବିଚିତ୍ର ଗୃହଉଆ ଦିବ୍ୟ ଚନ୍ଦନ ପଟର ।
ଘାଟ ନେତ ମଣ୍ଡଣି ମଣ୍ଡିବ ସବୁଠାର ହେ ॥ ୮ ॥

---

୧ । ସାବଧ୍ୟାନଣ (ପୋଥିପାଠ) । ୨ । ଶୁଣନ୍ତୁ ବର (ପୋଥିପାଠ) ।
୩ । କୁଳୀଣ ( ପୋଥିପାଠ ) । ୪ । ନିର୍ବାଣି—ନିର୍ମାଣ ଅର୍ଥରେ ।
୫ । ନିର୍ବାଢ଼ିବ—ନିର୍ମାଣ କରିବ ।

ସୁବର୍ଣ୍ଣ ଯୋଗାଡ଼ମାନ ନବାଡ଼[6] କରିବ ।
ଷଷ୍ଠୀ ସମାପତ ବେଳେ ସମସ୍ତ ବାଢିବ ହେ ॥ ୯ ॥
ରଥ ଗଜ ଚତୁରଙ୍ଗ ଦାସ ଦାସୀ ମୂଳେ ।
ସୁରଭି ମଇଂଷି ନେଇଣଂ ଦେବ ବେଦ ଛଳେ ହେ ॥୧୦॥
ଉଭାରି[7] ଯେ ଦବ୍ୟରସ ରନ୍ତ ଆସ୍ୱେ[8]ମାନ ।
ଗୃହକୁ ନଯୋଗି ଯେତେଣେ ଘୋଷ କର ମନହେ ॥୧୧॥
ଅନ୍ନଦାନ[9] ବସ୍ତ୍ରଦାନ ଅହର୍ନିଶି ଦେବ ।
ହୀନ ଅନାଥରେ ଦାନ ବହୁତ କରିବ ହେ ॥ ୧୨ ॥
ବନ୍ଧୁ ଯେ ସୋଦର ମୋର ବହୁତ ଅଛନ୍ତି ।
ଇଷ୍ଟକୁଟୁ ନାତି ବିପ୍ର ସାମନ୍ତ ଅଛନ୍ତି ହେ ॥ ୧୩ ॥
ସମସ୍ତେ ଗୃହବନ୍ଧୁଙ୍କୁ ଯଉତୁକ ଦେବ ।
ଯେ ଯାହା ମାଗିବେ ତା ଭଣ୍ଡାରୁ ନେଉଥିବ[10] ହେ ॥୧୪॥
ଇଚ୍ଛାବତୀ ଗୃହ ବିଭା ମୋହର ସୁଲଭ[11] ।
ଯେମନ୍ତ ଯୁଗ ଯୁଗାନ୍ତେ କଥା ରହିଥିବ ହେ ॥ ୧୫ ॥

---

୬ । ନବାଡ଼=ପ୍ରସ୍ତୁତ ।

୭ । ଉଭାରି ଶବ୍ଦର ଅର୍ଥ ଜଣାଯାଉ ନାହିଁ । କବି ବୋଧହୁଏ ଏଠାରେ ଜାତ କରାଇବା ଅର୍ଥରେ ବ୍ୟବହାର କରିଛନ୍ତି ।

୮ । ଆସ୍ୱେ=ଅଳଙ୍କାର । ଅଦ୍ୟାପି 'ଆସ୍ୱେଅଳଙ୍କାର' ବୋଲି ଗ୍ରାମ୍ୟଣ ଭାଷାରେ ବ୍ୟବହୃତ ହେଉଛି ।

୯ । ଅର୍ଣ୍ଣ (ପୋଥିପାଠ)

୧୦ । ଏହି ପଦରେ ବ୍ୟବହୃତ 'ଯଉତୁକ ଦେବ' ଓ 'ଭଣ୍ଡାରୁ ନେଉଥିବ' ସ୍ଥାନରେ 'ଦେବେ' ଓ 'ନେଉଥିବେ' ହେଲେ ଅଧିକ ସମୀଚୀନ ହେବ ।

୧୧ । ସୁଲଭ ଶବ୍ଦ ଓଡ଼ିଆ ଭାଷାରେ ସୁନ୍ଦର ଅର୍ଥରେ ବ୍ୟବହୃତ ହେଉ-ଥିବାର ଏବେ ମଧ୍ୟ ପ୍ରମାଣ ମିଳେ । ଯଥା 'ଆଖି ସୁଲଭ' 'ଦାଣ୍ଡସୁଲଭ'

ଦିବ୍ୟ ଯେ କାମେମ୍ନୀମାନେ ହୋଇଣ ସୁବେଶ ।
ଗୀତ ନାଟ୍ୟ ମଙ୍ଗଳ[୧୨] କରିବେ ଚଉପାଶ ହେ ॥୧୬॥
ମୁକୁତା ଝରିରେ[୧୩] ଚୂନ୍ହ କାନ୍ଥ ନିବାଡ଼ିବ ।
ରାମଚନ୍ଦ୍ର ଚରିପଠ ସମସ୍ତ ଲିହିବ ହେ ॥ ୧୭ ॥
ଦଶଅବତାର ମହାଭାରତହିଂ ଥିବ ।
ଚିତ୍ର ବିଚିତ୍ର କରିଣ ପ୍ରତିମା ଲେଖିବ ହେ ॥ ୧୮ ॥
ଚଣ୍ଡାଳ ବ୍ରାହ୍ମଣ ଅଉ ସବୁ ବିରଚିବ ।
ଯେମନ୍ତ ଭର୍ଜନ ତାହା ତେମନ୍ତ କହିବ ହେ ॥ ୧୯ ॥

ବିଦ୍ୟାବନ୍ତ ବ୍ରାହ୍ମଣ ପ୍ରୋହିତ ପାଠଯୋଷୀ ।
କବିତାମାନଙ୍କୁ[୧୪] ତୁମ୍ଭେ ଆଣିବ ବିଶ୍ବାସି ହେ ॥ ୨୦ ॥

ନାନା ବିଧି କରି ଯେ ଭୋଜନ ସଞ୍ଚାଦେବ[୧୫] ।
ସମ୍ଭାରମାନ ଯେ ସବୁ ଦେଉଂ[୧୬] ନ ସହିବ ହେ ॥୨୧॥
କେହି ନ ପାଇଲା ଯେବେ ଶୁଣିମଇଂ ।
ଦୋଷ ଅନୁରୂପେ ଦଣ୍ଡ ପାଇବଟି ସେହି ହେ ॥ ୨୨ ॥

ଯେମନ୍ତେ ଉଣା ଅମ୍ଭଂକୁ ନୋହେ ଲୋକାନ୍ତରେ[୧୭] ।
ଅଙ୍ଗ ବୋଲି କରି କାର୍ଯ୍ୟକର ଯେ ଯାହାରେ ହେ ॥୨୩॥

---

୧୨ । ମଙ୍ଗଳ ଯେ (ପୋଥିପାଠ) । ୧୩ । କାନ୍ଥଜେ ( ପୋଥିପାଠ ) ।

୧୪ । 'କବିତା' ଶବ୍ଦ ଏଠାରେ ବୋଧହୁଏ ଆଶୀର୍ବାଦ ଶ୍ଳୋକାବଳୀ ଅର୍ଥରେ ବ୍ୟବହୃତ ।

୧୫ । ସଞ୍ଚା=ବିଶିଷ୍ଟ ଅତିଥିଙ୍କୁ ଦିଆଯାଉଥିବା ଖାଦ୍ୟୋପକରଣ ।

୧୬ । ଦେଉଂ=ଦେଉଥିଲେହେଁ ।

୧୭ । ଯେପରି କେହି ନିନ୍ଦା ନକରନ୍ତି ଏ ପାଦର ଅର୍ଥ ।

ଯେମନ୍ତେଣ ରାମ୍ଭେ ସବୁ ମଣାଇଂ[୧୮] କହିଲେ ।
ଦଣ୍ଡପାଟ[୧୯]ମାନ ଠାବ ଠାବକୁ ପେଷିଲେ ହେ ॥୨୪॥
ନାନା ସାମଗ୍ରୀ ଯେ ନାନା ସମ୍ଭାର ଯେ ମାନ ।
ବିଭା ସମାହାର ଯାମ୍ଭେଂ ଖଟିବ ପ୍ରମାଣ ହେ ॥୨୫॥
ଆମ୍ଭ ଲଜ୍ଜାସର୍ମ[୨୦] ସିନା ତୁମ୍ଭମାନଙ୍କର ।
ଯେମନ୍ତେ ବିଭା ଉତ୍ସବ ହୁଅଇ ସମ୍ଭାର ହେ ॥୨୬॥
ଯେମନ୍ତ ବୋଲଣି ପାତ୍ର ମନ୍ତ୍ରୀଙ୍କି କହିଲେ ।
ଶଙ୍ଖ ମହୁରୀ କାହାଳୀ ଦମାହିଂ[୨୧] ବାଜିଲେ[୨୨] ହେ ॥୨୭॥
ଢୋଲ ଯେ ଢମକ ସେ ବାଜଇ ବଜ୍ରବାଣ ।
ମର୍ଦ୍ଦଲ କଂସାଲ ତାଲ ବାଦ୍ୟ ଗରୁ ଠାଣ ହେ ॥୨୮॥
ଶୁଭଲଗ୍ନ ଦେଖିଣ[୨୩] ସେ ଦିନ ଯେ ଖୋଜିଲେ ।
ପାଟ ଜଉତପ ଭଟ୍ଟ ଆଗୃହୀ ଖୋଜିଲେ ହେ ॥୨୯॥
ବିଭା ଦିନେ ଆଇଂଣ ମଙ୍ଗଳ ବିଧି କଲେ ।
ଅମୃତ ଯେ ଗାଡ଼ିମାନ ସମସ୍ତହିଂ ଦେଲେ ॥୩୦॥
ଦିବ୍ୟ କନ୍ୟାମାନ ଯେ କୁସୁମ ଗନ୍ଧ ଦେଇ
ବରକନ୍ୟା ଦୁହିଁଙ୍କ ମଙ୍ଗୁଳନ୍ତ୍ରି[୨୪] କାମେମା ହେ ॥୩୧॥

---

୧୮। ମଣାଇଂ=ବୁଝାଇ ।
୧୯। ଦଣ୍ଡପାଟ—ସୈନ୍ୟ ବିଭାଗର ଉଚ୍ଚପଦାଧିକାରୀ ।
୨୦। ଲଜ୍ଜା ସର୍ମ=ଲାଜ ଓ ଶରମ । ଶରମ ଶବ୍ଦ ଯାବନିକ ବୋଲି ଓଡ଼ିଆ ଅଭିଧାନକାରମାନେ ମତ ଦିଅନ୍ତି । କିନ୍ତୁ ଗ୍ରାମ୍ୟ ଓଡ଼ିଆ ଭାଷାରେ ବିଶେଷ ପ୍ରଚଳନ ଦେଖାଯାଏ ।
୨୧। 'ଦମା' ଶବ୍ଦ ଏଠାରେ ଦମାଲୁ (ନାଗରା) ଅର୍ଥରେ ବ୍ୟବହୃତ ।
୨୨। ବାଇଲେ (ପୋଥିପାଠ) । ୨୩। ଖୋଜିଣ (ପୋଥିପାଠ) ।
୨୪। ମଙ୍ଗଳନ୍ତି (ପୋଥିପାଠ) ।

ସେ ଦିନ ଯେ ନେତେ ବିଧି ଆଚରିଲେ ରାୟେ ।
ଆର ଦିନ ବିଭା ସାମଗ୍ରୀ ଘେନିଣ[୨୫] ଆୟେ ହେ ॥୩୨॥
ବିଚିତ୍ର ବେଦୀରେ ବିଜେ ଭୋଜ ନୃପବର ।
ଗୃହେ ଇଚ୍ଛାବତୀ ବିଭା କରି ତତପର ହେ ॥ ୩୩ ॥
ସାନ୍ତଶ ବ ଆନ କବି କରି ଯେଜ୍ଞ ଯୋଗ ।
ବେଦରେ ବେଢିଲେ ଯେ ଯେମନ୍ତ ଯୋଗ ହେ ॥୩୪॥
ରାଜାଙ୍କର ପୁତ୍ରମାନେ ଯେତେ ବନ୍ଧୁଗଣ ।
ସୁପଣ୍ଡିତ ବିଦ୍ୟାବନ୍ତ ଜୋତିଷ ବ୍ରାହ୍ମଣ ହେ ॥ ୩୫ ॥
କି ଅବା କହିବା ଭୋଜ ରାଜାର ସମ୍ପତ୍ତି[୨୬] ।
ଦୁଷ୍ଟ ଅମରାଧିନାଥ ମନ୍ଦେ ବିହରନ୍ତି ହେ ॥୩୬॥
ତାହାଙ୍କ ସମାନେ ଯେତୁ ପାତ୍ର ରାଜାମାନେ ।
ଦେଖାଦରଶନ[୨୮] ଘେନି ଅଇଲେ ବହନେ ହେ ॥୩୭॥
ବେଦରେ ବିଜୟେ ସେ ମଦନ ବ୍ରହ୍ମ ଶିଷ ।
ଭୋଜରାଜା କୋଳେ ଇଚ୍ଛା ହୋଇଣ ସୁବେଶ ହେ ॥୩୮
ଯଥାବିଧି ବାକ୍ୟ ଗୋତ୍ର କରି ଉଚ୍ଚାରଣ[୨୯] ।
ମହାବାକ୍ୟ ଉଚ୍ଚାରଣ ମନ୍ତ୍ରିଲେ ବ୍ରାହ୍ମଣ ହେ ॥୩୯॥
ଶଙ୍ଖେ ଜଳଥାଳ ଯେ କାଞ୍ଚନ ବିଧିମତେ ।
ଗୋଡ଼ଧୁଆ ଚଢ଼ାଇଲେ ଶ୍ରାହାନର ଅନ୍ତେ[୩୦] ॥୪୦॥
ହସ୍ତକୁ ବନ୍ଧନ ଯେ କରନ୍ତି ବିଦୁଜନ ।
ଲଜା[୩୧] ହୋମ କଲେ ତହିଁ ଶ୍ରାହାନ ଭୋଜନ ହେ ॥୪୧

---

୨୫ । ଘେନ (ପୋଥିପାଠ) । ୨୬ । ସମ୍ପନ୍ତୀ ( ପୋଥିପାଠ ) ।
୨୭ । ବହନ୍ତୀ (ପୋଥିପାଠ) । ୨୮ । ଦେଖ ଦରଶନ = ଭେଟି ।
୨୯ । ଉଗ୍ରର (ପୋଥିପାଠ) । ୩୦ । ଶ୍ରାହାନ ଅନ୍ତରେ (ପୋଥିପାଠ) ।
୩୧ । ଲାଜାହୋମ ଶୁଦ୍ଧପାଠ ।

ବରକନ୍ୟା ଯେତ୍କଠାବେ ବଚନ୍ଦ ବେଦରେ ।
ଯଉତୁକମାନ ନେଇଣ ବାଟିଲେ ଗ୍ଳମୁରେ ହେ ॥୪୨॥
ଇଷ୍ଟ ବନ୍ଧୁ କୁଟୁମ୍ବ ଯେତେକ ଯାଇଥିଲେ ।
ପାତ୍ରମନ୍ତ୍ରୀ ସମସ୍ତେ ନେ ଯଉତୁକ ଦେଲେ ହେ ॥୪୩॥
ପାଠ ମହାଦେଇମାନ ସାଗେଂଣ ଅଛନ୍ତି ।
ବରକନ୍ୟା ବନ୍ଦାଇଣ ଭିତରକୁ ଯାନ୍ତି ହେ ॥ ୪୪ ॥
ପଞ୍ଚୁଗ୍ରାସୀ ସାରଣ ସେ ଗୃହେ ଇଚ୍ଛାବତୀ ।
ବଚନ୍ଦ ଫୁରେଣ ରତ୍ନ ପଲଙ୍କେ ବସନ୍ତି ହେ ॥୪୫॥
ବେଭାରେ ଯୋଗାଡ଼ମାନ ପଞ୍ଚ ଯେ ଅମୃତ ।
କୋଟି କୋଟି ଅନ୍ନ[୩୨] ଦାନ ଦେଲେକ ବହୁତ ହେ ॥୪୬
ସ୍ୱନେ ମଉଶେଯେ[୩୩] ବଜେ ଇଚ୍ଛାବତୀ ଗୃହେ ।
ଚଉଷଠୀ ଦଣ୍ଡେ ରତି କଲେକ ବହୁତ ହେ ॥ ୪୭ ॥
ସରିଲ ଚଉଠୀ[୩୪] ଅଷ୍ଟମଙ୍ଗଳଣ ବିଧି ।
ଚନ୍ଦ୍ର ବନ୍ଦାପନା[୩୫] ତହିଁ କଲେ ପରସିଦ୍ଧି ହେ ॥୪୮॥
ନୃପତିର ଦୁତ ଆମ୍ଭ ଗୃହେ ଇଚ୍ଛାବତୀ ।
ନିଷ୍ଟନ୍ତ୍ରେଣ ସାବଧାନେ ଥାଇ ତାର କତ ହେ ॥୪୯॥

---

୩୨ । ଅର୍ଣ୍ଣ ( ପୋଥିପାଠ ) ।

୩୩ । ମଉଶେଯ — ମଧୁଶଯ୍ୟା ।

୩୪ । ଚଉଷଠି (ପୋଥିପାଠ), ବିବାହର ଚତୁର୍ଥ ଦିବସକୁ ଚତୁର୍ଥୀ ବା ଚଉଠୀ ବୋଲି କୁହାଯାଏ । ଅଷ୍ଟମଙ୍ଗଳଣ — 'ଆଠ ମଙ୍ଗଳା' ବୋଲି ଦେଶଜ ଭାଷାରେ କଥିତ । ବିବାହର ଆଠଦିନ ପର୍ଯ୍ୟନ୍ତ ମଙ୍ଗଳ କୃତ୍ୟ ହେଉଥାଏ । ଅଷ୍ଟମ ଦିବସରେ ତାହା ଉଦ୍‌ଯାପନ ହୁଏ ।

୩୫ । ବିବାହର ପରବର୍ତ୍ତୀ ଶୁକ୍ଳ ତୃତୀୟା ଦିନ ବରକନ୍ୟା ଚନ୍ଦ୍ରଙ୍କୁ ପୂଜା କରନ୍ତି ।

ଆପଣାର ତୁଲ୍ୟ ତହୁଂ ଅଧିକ ଦେଖଇ ।
ଜୀବଆତ୍ମା ଇଚ୍ଛାବତୀ ଗୃହୁବ୍ରହ୍ମ ହୋଇ ହେ ॥୫୦॥
ଯେମନ୍ତେଣ ଗୃହେ ଇଚ୍ଛା ଯେସନ ସମୟେ ।
ଇଚ୍ଛାକୁ ବୋଲଇ ଗୃହେ କହିବ କଥାଟେ ଗୋ ॥୫୧॥
ମନରେ ଅନ୍ତର ତୁ ଗୋ ନଧରିବୁ ସଖି ।
ମୋହର ଜୀବନ ଅଗୋ ଅଟ ଚନ୍ଦ୍ରମୁଖି ଗୋ ॥୫୨॥
ଲୁଚି[୩୬] ହୋଇ ଯିବ ମୁହିଂ କୁରେଗୀଂ ଲୋଚନ ।
ମନେ ଆନ ନ ଧରିବୁ ଶୁଣରେ ମିତଣି ଗୋ ॥୫୩॥
ବୋଲଇ କୁମାରୀ କମ୍ପା ଯେତେକ ବିଲେପୀ[୩୭] ।
କହକନା ଶୁଣ ତୁ ମୋହର ପ୍ରାଣପତି ହେ ॥୫୪॥
କୁମର ବୋଲଇ ଶୁଣ ନୃପତି କୁମାରୀ ।
ଦାହାଧୁ ଯେ ନେଲି ମୋତେ ଶ୍ମଶାନପୁରୀ ଗୋ ॥୫୫॥
ସେଠାରେ ଖଡ଼ଗ ଦେଇ ପ୍ରହାରନ୍ତା ମୋତେ ।
ଯେ ଶିଶୁ ସମ୍ପତ୍ତ ଛାଡ଼ି ଯାଆନ୍ତି କେମନ୍ତେ ଗୋ ॥୫୬॥
ମୁହିଂତ ଅଛଇ ହସ୍ତମାଖି[୩୮] ଦରଦେଣୀ ।
ମୋହ ପାଇଂ କଂପା ତୁ ମରନ୍ତୁ ଶୁଭ୍ରକେଶି ଗୋ ॥୫୭॥
ତାହାଂ ଶୁଣି କୁମାରୀର ଦେହ ଥର ହର ।
ସେ ଛାର ଅଛଇ ମୂର୍ଖ ଗୁଆଂର ପାମର ହେ ॥୫୮॥
ପିତା ହୋଜରୀଯେ ମୋ ଉପାୟେ ଚନ୍ଦ୍ରବତୀ ।
ତାହାକୁ ତେଜିଣ ଗଲ[୩୯] ଶ୍ମଶାନ କତି ହେ ॥୫୯॥

---

୩୬ । 'ଲୁଚିକରି' ପାଠ ହେଲେ ସଙ୍ଗତ ହୁଅନ୍ତା ।
୩୭ । ବିଲେପୀ = ଗୋପନକାରୀ ।
୩୮ । ଛତୁବ.ସି (ପୋଥିପାଠ) । ୩୯ । ଗଲି (ପୋଥିପାଠ) ।

କାଳେ ଅପକାରତ ରହିଲା ମହାସ୍ଥଳେ ।
ଯେମନ୍ତ ବୋଲଣ ଲେଚି ପଡ଼ିଲା ଭୂତଳେ॰ ଯୋ୭୦॥
ଦେଖି ଗୃହସ୍ଥ୍ର ବ୍ରହ୍ମ ଯେ କମ୍ପଇ ଥରହର ।
ଯେ ମାନ ଘୁଞ୍ଚାଇବାକୁ ଶକତ କାହାର ହେ ॥୭୧
ଦୀନ ବନମାଳୀ ଯେହ୍ନୁ ଗୀତରେ ଗାଇଲେ ।
ଶ୍ରୀ ଜଗନ୍ନାଥ ଚରଣେ ଶରଣ ପସିଲେ ହେ ॥୭୨॥

୪୦ । ଧରଣି (ପୋଥିପାଠ) ।
ସ୍ଥ: ଇ: ୮

## ଷଷ୍ଠ ଛାନ୍ଦ

ରାଗ—ଚନ୍ଦ୍ରା ଦେଶାକ୍ଷ

ଯେଥୁଅନନ୍ତରେ ରସିକ ଜନ ।
କୃଷ୍ଣବାଣୀ ଶୁଣି ଇଚ୍ଛାବତୀର ମନ ।୧।

ନ ରୁଚଇ ଗନ୍ଧ ଯେ ଚନ୍ଦନ ବେସନ[2] ।
ଅଣଗୃଣ[3] ଶବ୍ଦୁ ବାଧା ନାହିଁ ତା ଗ୍ୟାନ ।୨।

ଯେଦନ କରଇ ଧାତା ଯେହ୍ନା ସେ କଲା ।
ରସଭଗ୍ନ କର କାନ୍ତ ଯେହ୍ନା[4] ବୋଇଲ । ୩ ।

ତେଜିବ ଜୀବନ ଆଉ ଜଇ କି କାର୍ଯ୍ୟ ।
ଯେହ୍ନାଙ୍କ ଉପରେ ହତ୍ୟା ଦେବଇଁ ଆଜ । ୪ ।

ତାହା ଶୁଣି ଗୁରୁ ବ୍ରହ୍ମ ଅତି ବିନୟେ ।
ମୋହର ଅପ୍ରାଧ ତୁ ନଧର ନିଷ୍ଟୟେ । ୫ ।

ତୋର ବିନା ସାହା[5]ମୋର ଆନ କେ[6]ଅଛୁ ।
ତୋହର ପୁଣ୍ୟରେ ଯେତେ ଭଗ୍ୟ ଅର୍ଜିଛୁ ।୬।

---

୧ । ଅନ୍ତରେ (ପୋଥିପାଠ) । ୨ । ବେସନ – ବ୍ୟସନ ଅର୍ଥରେ ।

୩ । ଏ ପାଦର ଅର୍ଥ ସୁସ୍ପଷ୍ଟ ନୁହେଁ ଉଭୟ ପୋଥି ସମାନ ପା.ଠ ।

୪ । ଯେହ୍ନା ସେ ବୋଇଲ (ପୋଥିପାଠ) ।

୫ । ସାକ୍ଷା (ପୋ.ଥିପ ଠ) ।

୬ । କେହୁ (ପୋଥିପାଠ) ।

ପିତା ମାତା ତେଜି ମୁଁ ଅଇଲି ତୋ ପାଶ[୭] ।
ସୁଜାଣ ସୁନ୍ଦରୀ ତୁ ନ କର ନିରାଶ । ୭ ।
ଗୁରୁଙ୍କର ଧର୍ମଶିଷ ତୋହର ସିନା ।
ଦରିଦ୍ର ଧନ ତୁ ଉଠ ମରଇ କନା । ୮ ।
ତୋର ପୁଣ୍ୟବଳେ ମୃତୁ[୮] ବର୍ତ୍ତିଲି[୯] ।
ସାଗରେ ଝାସିଥିଲିକୁ ତୋତେ ପାଇଲି ।୯।
ଜାଣୁଛିକି ଉପବନେ ଫୁଲ ତୋଳିଲୁ ।
ମୋତେ ଡଲେ ଛାଡ଼ି ବୃକ୍ଷ ପରେ ଉଠିଲୁ ।୧୦।
ତୋହ ରୂପ ଦେଖି ସଖି ମୋହ ଯେ ଗଲି ।
ପ୍ରାଣତେଜି[୧୦] କରି ମୁଁ ଭୂମିରେ ପଡ଼ିଲି ।୧୧।
ବୃକ୍ଷରୁ ଓହ୍ଲାଇ[୧୧] ମୋତେ ସଚେତ କଲୁ ।
ରତିରସ ଦେଇଂ ଭୃତ୍ୟପଣେ ରଖିଲୁ ।୧୨।
ଗୁରୁଙ୍କ ବଚନେ ବାଣୀ ନଇଲୁ ମୋତେ ।
ଚତୁର ସିହାଣ[୧୨] ବଞ୍ଚାଇଲୁ ତୁରିତେ ।୧୩।
ବଚନେ ବୋଇଲୁ ତୁ ଯେ ସତ୍ୟ କରିବୁ ।
ମୁଁ ଯାହା ମାଗିବି ତାହା ନାହିଁ ନ କରିବୁ ।୧୪।
ଯେତେକ ବଚନ ସତ୍ୟ କଲୁ ସୁନ୍ଦର !
ଆପଣେ ବରଣ ମୋତେ କରିଲୁ[୧୩] ନାର ।୧୫।

---

୭ । ତୋର ପାସ (ପୋଥିପାଠ) ୮ । ମୃତୁ—ମୃତ୍ୟୁରୁ ।
୯ । ବଞ୍ଚିଲି ଅର୍ଥରେ ।
୧୦ । ପ୍ରାଣତେଜି 'ସ୍ଥାନରେ' 'ଜ୍ଞାନତେଜି' କିମ୍ବା 'ଜ୍ଞାନହରି' ହେଲେ ଅର୍ଥ ସଙ୍ଗତ ହେବ ।
୧୧ । ଓଲ୍ହାଇ (ପୋଥିପାଠ) ।
୧୨ । ଚତୁର ସିହାଣ ତୁ (ପୋଥିପାଠ) ।
୧୩ । ହୋଇଲୁ (ପୋଥିପାଠ) ।

ଗୁରୁଙ୍କ ବଚନେ ସଖି ଦୁହେଂ ବିଚ୍ଛେଦ
ତୋର ମୋ ବିଚ୍ଛେଦ ସିନା କଳଙ୍କ ଭେଦ ।୧୬।
ମାଳା ଦେଇଥିଲୁ ଅମ୍ବୁବତୀର ହାଥେ ।
ମନ ବନ୍ଧ କର ସେହୁ[୧୪] ଆଣିଲା ମୋତେ ।୧୭।
ଯେବେକାଠି ପୁରେ ତୋର ପାସେ ମିଳିଲି ।
ଭୂମିରୁ[୧୫] ତୋଳିଣ ତୋତେ କୋଳେ ଧଇଲି ।୧୮
ମୋତେ ଦେଖି ଶଶି ମୁଖି ତେଜିଲୁ ଶୋକ ।
ଅମ୍ବୁବତୀ ବିନୁ ଅନ୍ୟ ନ ଜାଣନ୍ତି ଲୋକ ।୧୯।
ଦିବ୍ୟ ବେଶ ହୋଇ ମୋତେ ପଲଙ୍କେ ଘେନି ।
ରତି ରସ ପ୍ରମାଣେ[୧୬] ପୁହାଉ ରଜନୀ ।୨୦।
ଜାଣୁଛିକି ଦୋସାଧୁ ଯେ ଧଇଲା ମୋତେ ।
ଯେବେକାଠି ମେଡ଼ିଲୁ ଗମିଲା କେମନ୍ତେ ।୨୧।
ମୋର ଅପ୍ରମିତେ ତୋର ଜୀବନ ନାହିଂ ।
ତୋର ପୁଣ୍ୟ ବଳେ ତହୁଂ ତରିଲି ମୁହିଂ[୧୮] ।୨୨।
ମୁଁ ଛାର ଗୁଆଂର ତ ନ ଜାଣଇ କିଛି ।
ମୋହର ଛାର ଦୋଷ କ୍ଷେମା କର ମୃଗାକ୍ଷି ।୨୩।

---

୧୪। ସେ (ପୋଥିପାଠ) ।

୧୫। ଭମିରୁ (ପୋଥିପାଠ) ।

୧୬। 'ପ୍ରମାଣେ' ପରିବର୍ତ୍ତେ 'ପ୍ରଦାନେ' ହେବା ଅଧିକ ସମୀଚୀନ ।

୧୬। ରୁଗତେ ପୋଥିପାଠ ) ।

୧୭। ଅପ୍ରମିତ ଶବ୍ଦର ପ୍ରକୃତ ଅର୍ଥ ଅନୁସାରେ ଏଠାରେ ପ୍ରୟୋଗ ହୋଇନାହିଁ । ଏଠାରେ 'ବ୍ୟତିରେକେ' ଅର୍ଥରେ ବ୍ୟବହୃତ ହୋଇଛି ।

୧୮। ଏ ପାଦର ଅର୍ଥରେ ପୂର୍ବାପର ସଙ୍ଗତି ନାହିଁ ।

ମାଲତୀ ମଧୁପ ମଧୁ ମାଲତୀ ଜାଣି ।
ମୋ ଘର ପାମର ତୁ ଯେ ପୁଣ୍ୟ ତରୁଣୀ । ୨୪ ।
ଅମ୍ବୁଜ ବାସନା କି ମଣ୍ଡୁକ ଜାଣଇ ।
ବାସନା ନଜାଣି ତଥି ପାରୁଷେ ଥାଇ । ୨୫ ।
ଅନ୍ୟ କିଛୁ ନ ବୋଇଲ କମଳ ମୁଖି ।
କିଞ୍ଚିତ କଥାକୁ ମାନ କମ୍ପାଇଂ ଦୁଃଖୀ । ୨୬ ।
ଜଳରେ ଭସିଲ ବୃଷ ରୁପିଲ୍[19] ଆଣି ।
ପ୍ରତିପାଳି ନ ପାରିଲ୍[20] ଉପାଡୁ ପୁଣି । ୨୭ ।
ପ୍ରଭୁ ହେଲେ ଭୃତ୍ୟ ଦୋଷ କରଇ କ୍ଷେମା ।
ସୁକୁମାର ସୁନ୍ଦରୀ ତୁ ନୃପତି ଜେମା । ୨୮ ।
ଅନେକ ପ୍ରକାର ଗ୍ରନ୍ଥ ବିନୋଇ କଲି ।
ତଥାପି କୁମାରୀ ମନୁ ତାପ ନଗଲା[21] । ୨୯ ।
ଗୁଣ ସୁମରଣି ଗ୍ରନ୍ଥ ବିନୋଇ କଲି ।
ତଥାପି ପ୍ରିୟାର ମନୁ ତାପ ନଗଲା । ୩୦ ।
ଗୁଣ ସୁମରଣ ଗ୍ରନ୍ଥ ବିନୋଇ କଲି ।
ତଥାପି କୁମାରୀ ମନୁ ତାପ ନଗଲା । ୩୧ ।
ଗୁଣ ସୁମରଣ ଗ୍ରନ୍ଥ ତୋଳି ଧଇଲା ।
ନୟନର ଜଳେ ତେଣୁପାଦ ଧୋଇଲା । ୩୨ ।
ଅନୁମାନ[22] ଘେନଣ ଯେ ନୃପତି ବାଳୀ ।
ଗ୍ରନ୍ଥର ଶିର କମଳ ଧଇଲା ତୋଳି । ୩୩ ।

---

୧୯ । ରୋପିଲୁ ଶୁଦ୍ଧ ପାଠ । ୨୦ । 'ପାରଣ' ଅର୍ଥରେ ।
୨୧ । ୨୯, ୩୦, ୩୧ ପଦର ଅର୍ଥ ସମାନ । କିନ୍ତୁ ଦୁଇଟିଯାକ ପୋଥିରେ ଏ ଦ୍ୱିରୁକ୍ତି ଦୋଷ ଥିବାର ଦେଖାଯାଏ ।
୨୨ । 'ଅନୁମାନ ଘେନଣ' ପରିବର୍ତ୍ତେ 'ମନୁ ମାନ ଛେଜଣ' ହେଲେ ଅର୍ଥ ସୁସ୍ପଷ୍ଟ ହେବ ।

ବୋଇଲା କୁମାରୀ ଦୂତୀ ଚତୁର ଅଟୁ ।
ମାନ ମୋର ଘୁଞ୍ଚାଇଲୁ କରୁଣ ଦୂତୁ । ୩୪ ।
ଇଚ୍ଛାବତୀ ରାଗମାନ ତମ ଛାଡ଼ିଲା ।
ଦୂତୀକୁ ସଙ୍ଗେ ଘେନିଣ ବେଶ ହୋଇଲା । ୩୫
ମାଜଣା ମୋଣହିଂ ସାରି[13] ଦିବା ବେସନ[14] ।
କର୍ପୂର ବିଡିଆ ବେନି କଲେ ଭୋଜନ । ୩୬ ।
ରତ୍ନ ପଲଙ୍କରେ ଯାଇ ଶୟନ[15] କଲେ ।
ନାନା ବିଧି ସୁରତିରେ ଦୁହେଁ[16] ମାତିଲେ । ୩୭ ।
ଗୁରୁଙ୍କୁ ଧନ ବସନ ଅନେକ ଦେଲେ ।
ଦୂତୀ ଇଚ୍ଛାବତୀ ଗୁରୁ[17] ପାଦେ ସେବିଲେ । ୩୮ ।
ଆମ୍ଭେ ତୁମ୍ଭ ସୁତ ସୁତା ଗୁରୁ ଗୋସାଇଁ ।
ତୁମ୍ଭର ଧର୍ମରୁ ସିନା ଯେମନ୍ତ ହୋଇ । ୩୯ ।
ଧାତୀକୁ ନୃପତି ତହିଂ ଅନେକ ଦେଲେ ।
ଧନ ବସ୍ତ୍ର ଅଳଙ୍କାର ଅଶ୍ୱହିଂ ଦେଲେ । ୪୦ ।
ଆହେ ଧାତୀ ରାଜ୍ୟେ ତୁମ୍ଭେ ମହତ ଜନ ।
ତୁମ୍ଭର ବଚନେ ଶାନ୍ତ ଆମ୍ଭର ମନ । ୪୧ ।
ଇଚ୍ଛାବତୀ ଦୂତୀ ବିଭା ବିଧି[18] ବୃତ୍ତାନ୍ତ ।
ମଦନ ବ୍ରହ୍ମ[19] ରାଜାକୁ କହି ସମସ୍ତ । ୪୨ ।

---

୧୩ । ଛାଡ଼ି (ପୋଥିପା୦) ଶୁକ୍ଳପା୦ । ୧୪ । ବେସନ=ବ୍ୟସନ ଅର୍ଥରେ ।

୧୫ । ହେୟନ (ପୋଥିପା୦) ।

୧୬ । 'ଦୁହେଁ' ଅକ୍ଷର ଦୁଇଟି ପୋଥିରେ ନାହିଁ ।

୧୭ । ଘନ (ପୋଥିପା୦) । ୧୮ । ବିହ୍ୱଣଚତ (ପୋଥିପା୦) ।

୧୯ । ମର୍ଦ୍ଦଳ ବ୍ରହ୍ମ (ପୋଥିପା୦)

ଏହା ଶୁଣି ଭାଟ ଆଗ ହୋଇଣ ଗଲା ।
ଭାଟ ମାତା ପିତା ଆଗେ ଯାଇଂ କହିଲା । ୪୩ ।
ଇଚ୍ଛାବତୀ ଭାଟ ଏକ କାଠି ମଧର ।
ଗର୍ଭରେ ରହିଲେ ଭୋଜ ନୃପତି ଦୁର । ୪୪ ।
ଏକ ଦିନେ ଭାଟ ବୋଲେ ଶୁଣ କୁମାରୀ ।
ପିତାଙ୍କୁ ଜଣାଅ ଯିବା ଆମ୍ଭର ପୁରୀ । ୪୫ ।
ମାତାଙ୍କ ଛାମୁରେ ଯାଇଂ ବେଗେ ଜଣାଅ ।
ବିନୟ ହୋଇ କହିବ ମେଲାଣି ଦିଅ । ୪୬ ।
ଏହା ଶୁଣି ଜେମା ଗଲେ ମାତାଙ୍କ ପାସ ।
ଜୁଆଇଂ ବୋଇଲେ ଯିବୁ ଆମ୍ଭର ଦେଶ । ୪୭ ।
ଏହା ଶୁଣି ରାଣୀ ରାଜା ଆଗେ ଜଣାଇଂ ।
ନିଜ[୩୦] ଦେଶେ ଯିବେ ତୁମ୍ଭ ଜେମା ଜୁଆଇଂ । ୪୮ ।
ଆମ୍ଭ ଘରେ ଥିବାର ତ ନୋହେ ବିହିତ ।
ସେ ମହାରାଜା ମଦନ[୩୧] ବ୍ରହ୍ମର ସୁତ । ୪୯ ।
ଶୁଣି ଭୋଜ ନୃପ ମନେ ହରଷ ହେଲେ ।
ପଣ୍ଡିତ ହକାରି ଶୁଭ ଲଗ୍ନ ବୁଝିଲେ । ୫୦ ।
ରଥ ଗଜ ତୁରଙ୍ଗ ଯେ ପାଦାନ୍ତ ମାନ ।
ଦାସ ଦାସୀ ମହିଂଷି ସୁରଭି ଗହନ[୩୨] । ୫୧ ।
ଅଷ୍ଟରତ୍ନ ହାନ୍ଦୋଳା ବିଚିତ୍ର ଛତ୍ରଯୁଣି[୩୩] ।
ଧନ ବସ୍ତ୍ର ଅଲଙ୍କାଂର କେ ପାରେ ଗଣି । ୫୨ ।

---

୩୦ । ଜଯେ (ପୋଥିପାଠ) ।
୩୧ । ସେ ମହାରାଯା ବ୍ରହ୍ମରଜାର ସୁତ (ପୋଥିପାଠ) ।
୩୨ । 'ସୁରଭି ଗହ୍ୱନ'ର ଅର୍ଥ ସୁସ୍ପଷ୍ଟ ନୁହେଁ ।
୩୩ । ଛାଉଣୀ ଅର୍ଥରେ ।

ନିଜ ମାତା ମାନେ ଯେ ସମସ୍ତେ ଅଇଲେ ।
ବର କନ୍ୟା ବନ୍ଧାଇ[୩୪] ଉପହାର ଦେଲେ । ୫୩ ।

ଅମୃତ ଯୋଗାଡ଼ ଭୁଞ୍ଜି[୩୫] ଇଚ୍ଛା କୁମାର ।
ଦିବ୍ୟ ବେଶ ହୋଇଣ ହୋଇଲେ ବାହାର । ୫୪ ।

ମତ୍ତହସ୍ତୀ ଉପରେ[୩୬] ମଣ୍ଡିଣି ମଂବାଡ଼ ।
ପାଟ ନେତ ମଣ୍ଡିଣି ମଣ୍ଡିଲେ ଓହାଡ । ୫୫ ।

ଆଲଟ ଚାମର ପଙ୍ଖା ଚାଳନ୍ତି ନାରୀ ।
ମଣ୍ଡପରେ ବିଜେ କଲେ ଗୃଠ କୁମାରୀ । ୫୬ ।

ବାଜିଲା ଠମକ ନିଶାଣଇଂ ଯେ ଭେରୀ ।
ଶଙ୍ଖ କମ[୩୭] ବାହକ[୩୮] ମୃଦଳ[୩୯] ମହୁରୀ । ୫୭ ।

ବାଦ୍ୟନାଦ ଶବଦେ ବ୍ରହ୍ମାଣ୍ଡ କମ୍ପିଲା ।
ଚତୁରଙ୍ଗ ବଳ ଥାଟ[୪୦] ଯେତେ ଚଳିଲା । ୫୮ ।

---

୩୪ । ବନ୍ଧାଇଣ (ପୋଥିପାଠ) ।

୩୫ । ଭୁଞ୍ଜାଇଣ (ପୋଥିପାଠ) ।

୩୬ । ଉପରେ ଯେ (ପୋଥିପାଠ) ।

୩୭ । କମ — ମଙ୍ଗଳ ।

୩୮ । ବାହାକ — ବାଜା ବଜେଇବା ଲୋକ । କିନ୍ତୁ ଏଠାରେ କୌଣସି ବାଦ୍ୟ ବିଶେଷ ଅର୍ଥରେ କବି 'ବାହାକ' ପଦଟିକୁ ବ୍ୟବହାର କରିଛନ୍ତି । ଅନ୍ୟଥା ଅର୍ଥ ସଙ୍ଗତ ହେବ ନାହିଁ ।

୩୯ । ମୃଦଳ — ମର୍ଦ୍ଦଳ ଶବ୍ଦର ପ୍ରାଚୀନ ଉଚ୍ଚାରଣ ।

୪୦ । ଥାଠ (ପୋଥିପାଠ) ଥାଟ — ସୈନ୍ୟ ।

ନୃପତ ପାତ୍ରେଶ୍ଚି କଛୁଦୂର[୪୧] 'ଅଇଲେ ।
କୁମାରୀଙ୍କ ଦେଖି କ୍ରୋଧ[୪୨]' ଅନେକ କଲେ ।୫୯।
ଗୃଠକୁ ବୋଇଲେ ଆମ୍ଭ ଦୋଷ ନଧର ।
ଇଚ୍ଛାବତୀ ଘେନ ତୁମ୍ଭେ ସୁରାଜ୍ୟ କର । ୬୦ ।
ଦୋଷାଦୋଷ ଅପ୍ରାଧ ଯେ କ୍ଷେମା କରିବ ।
ଇଚ୍ଛାବତୀ ଦୋଷ କଲେ ସବୁ ସହିବ । ୬୧ ।
ସୁମନ୍ତ ବୋଲଣ ରାଜା ସବୁ କହିଲେ ।
ଝିଅ ସଙ୍ଗେ ଜେଷ୍ଟ[୪୩] କୁମାରକୁ ପେଷିଲେ । ୬୨ ।
ମଦନ ବ୍ରହ୍ମ ରାଜ୍ୟକୁ ଚଳଣ ଗଲେ ।
ଶୁଭ ଯୋଗେ କଟକେ ପ୍ରବେଶ ହୋଇଲେ । ୬୩ ।
ଶୁଣିଣ ତଗର ରାଜା ଆଗେ ଜଣାଇଂ ।
ଗୃହ୍ନବ୍ରହ୍ମ ଇଚ୍ଛାବତୀ ଘେନ ଆସଇ । ୬୪ ।
ଆଗେ ଯାଇ ସବୁ ଭାଟ କହିଣ ଥିଲେ ।
ଶୁଣିଣ ମଦନବ୍ରହ୍ମ ଥାଟ ସାଜିଲେ । ୬୫ ।
କଛୁଦୂରେ ଦୁଇ ଥାଟ ହୋଇଲେ ଭେଟ ।
ବାଦ୍ୟର ଶବଦେ ନଗ୍ର ଅତି ଉଚାଟ । ୬୬ ।
ଗୃହ୍ଣବ୍ରହ୍ମ ପିତା ପାଦେ ଯାଇଂ[୪୪] ଲୋଟିଲେ ।
କୁମାରୀ ସହିତେ ପାଦ ଧୂଳି ଘେନିଲେ । ୬୮ ।

---

୪୧ । 'ନୃପତ ପାତ୍ରେଶ୍ଚି କଛୁଦୂର ଯେ ଗଲେ' ହେବା ଅଧିକ ଅର୍ଥ-ଦ୍ୟୋତକ ।

୪୨ । ଏଠାରେ 'କ୍ରୋଧ' ରାଗ ଅର୍ଥରେ ବ୍ୟବହୃତ ନ ହୋଇ ଶୋକର ଆବେଗ ଅର୍ଥରେ କବି ପ୍ରୟୋଗ କରିଥିବାର ଅନୁମାନ ।

୪୩ । ଜ୍ୟେଷ୍ଠ ଶବ୍ଦର ଅପଭ୍ରଂଶ ।

୪୪ । ଗୃଇଂ (ପୋଥିପାଠ) ।

ଇଚ୍ଛାକୁ ଦେଖିଣ ମନେ ବଡ଼ ହରଷ ।
ସ୍ନେହା ବିନୁ ପୁନ ଆଉ କରିବ କସ । ୬୯ ।
ସ୍ନେତେ ବୋଲି ବରକନ୍ୟା ଘେନିଣ ଗଲେ ।
ଆପଣା ମନ୍ଦିରେ ସେ ପ୍ରବେଶ ହୋଇଲେ । ୭୦ ।
ବରମାତ୍ରେ ସଙ୍ଗେ ରାଣୀମାନଙ୍କୁ ଘେନି ।
ବର କନ୍ୟାଙ୍କୁ ବନ୍ଦାଇଂ ଗଲେ କାମିନୀ । ୭୧ ।
ସହଚରୀ ଘେନି ସ୍ନାନ ନବରେ ଗଲେ ।
ବିଚିତ୍ର ମନ୍ଦିରେ ଶେଯ ଶୋଯାଇ ଦେଲେ । ୭୨ ।
ସ୍ନାହାନ ଭୋଜନ ସାରି ବିବିଧ ବେଶ ।
ପିଠାପଣା ପଇଡ଼ ଯେ ବିବିଧ ରସ । ୭୩ ।
ଭୋଜନ ସାରି ବସିଲେ ପଲଙ୍କେଂ ଯାଇଂ ।
କର୍ପୂର ବଡ଼ଆ ଲଗି କରାନ୍ତି ନେଇଂ । ୭୪ ।
ଭୋଜରାଜା ନନ୍ଦନ ଯେ ପାଶ୍ଚେଟି ଗଲେ[୪୬] ।
ପଞ୍ଚାମୃତ ଦେଇଣ ବହୁତ ତୋଷିଲେ । ୭୫ ।
କିଛି ଦିନ ଅନ୍ତେ ତାଙ୍କୁ କଲେ ମେଲାଣି ।
ଅକ୍ଷତ ଧନ ବସନ କେ ପାରୁ ଗଣି । ୭୬ ।
ଦାନୁଆଣୀ କଟକୁ[୪୫] ଯେ ଯାଇଣ ଥିଲେ ।
ସନମାନ ପାଇ ନିଜ ରାଜ୍ୟକୁ ଗଲେ । ୭୭ ।
ସେମନ୍ତେଣ ଗୃହେ ଇଚ୍ଛା ନିଜ ରାଜ୍ୟରେ ।
ପିତା ମାତା ଦେଖିଲେ ସେ ଶିଘ୍ର ନବରେ । ୭୮ ।

---

୪୫ । ଦାନୁଆଣୀ କଟକ ହେଲେ ଏହା ବର୍ତ୍ତମାନ 'ଦାନ୍ତନ' ନାମକ ସ୍ଥାନକୁ ବୁଝାଇବ ।

୪୬ । 'ଭୋଜନନ୍ଦନ ଯେ ପାଶ୍ଚେଟି ଯାଇଥିଲେ' ହେଲେ ଅର୍ଥ ଅଧିକ ସ୍ପଷ୍ଟ ହେବ ।

ଦେଖି ପିତା ମାତାଙ୍କର ହୃଦ ପୂରିଲା ।
ବୃଦ୍ଧ ବ୍ରହ୍ମ କପାଳେ[୪୭] ମୋ ଯେମନ୍ତ ଥିଲା । ୭୯ ।
ପୁତ୍ରକୁ ନୃପତପଣ ଦେଲେ ରାଜନ ।
ବୃଦ୍ଧ ଇଚ୍ଛାବତୀ ରାଣୀ ଯେ ବଦ୍ୟମାନ[୪୮] । ୮୦ ।
ଲକ୍ଷେ ବଳ ନଉଚ୍ଛାଲ[୪୯] କଲେ କୁମର ।
ଦୁତି[୫୦] ରାଜା ପଣେ ସେବା କରନ୍ତି ନର । ୮୧ ।
ଇଚ୍ଛାବତୀ କଟେକ[୫୧] ବୋଲଣ ବଦତ ।
ବୃଦ୍ଧ ବ୍ରହ୍ମ ରାଜା ରାଣୀ ଭୋଗ ଦୋହିତ । ୮୨ ।
ଯେମନ୍ତ ପ୍ରକାରେ ରାଜ୍ୟ କଲେ[୫୨] ସେ ମିଶି ।
ପୁତ୍ରରୁ[୫୩] ଅଧିକ ଯେ ଲୋକଙ୍କୁ ଅଶ୍ୱାସି । ୮୩ ।
ଲକ୍ଷ୍ମୀପତି ମନୋରଥ କଲେ ସମ୍ପୂର୍ଣ୍ଣ ।
ଇଚ୍ଛାବତୀ କୁମର ସବୁର ଜୀବନ । ୮୪ ।
କମଳାପତି ଚରଣ ପଙ୍କଜ ଧ୍ୟାଇଂ ।
ଇଚ୍ଛାବତୀ ଚରିତ ଗୀତରେ କହଇ । ୮୫ ।
ଇଚ୍ଛାବତୀ ଗୀତ ଯେହ୍ନ ରସିକଦାସ,
ହୀନମତି ଜଗତେ ମୁଂ କଲି ପ୍ରକାଶ । ୮୬ ।

---

୪୭ । କନ୍ୟାରେ ମୋ (ପୋଥିପାଠ) ।
୪୮ । ଇଚ୍ଛାବତୀ ରାଣୀ ହେଲେ ।
୪୯ । ନଉଚ୍ଛାଲ = ପାଦ ବନ୍ଦନା କରିବା ।
୫୦ । ଦୃତିରାଜା = ଦ୍ୱିତୀୟ ରାଜା ରୂପେ ।
୫୧ । କଟେକ = କଟକ ଶବ୍ଦର ପ୍ରାଚୀନ ଉଚ୍ଚାରଣ ।
୫୨ । 'ମିଶି' ଏହି ଦୁଇଟି ଅକ୍ଷର ପୋଥିରେ ନାହିଁ ।
୫୩ । 'ପୁତ୍ର" ଏହି ଦୁଇଟି ଅକ୍ଷର ମୂଳ ପୋଥିରେ କୀଟ ଦଂଷ୍ଟ ।

ସୁଜନ ପଣ୍ଡିତ ଜନ ରସିକ ଯେହୁ ।
ଇଚ୍ଛାବତୀ ରସେ ତୋଷ ହୋଇବ ସେହୁ । ୮୭
ନୀଳାଦ୍ରିପତି ଚରଣ ମୋହର ଶିରେ ।
ବୋଲଇଂ ଗୋବିନ୍ଦ[୫୪] ନାହି କରସି ମୋରେ । ୮୮ ।

ସମାପ୍ତ

---

୫୪ । ଏଠାରେ ଶେଷ ଭଣିତାରେ କବିଙ୍କ ନାମ ନଥିବାରୁ କେହି କେହି 'ଗୋବିନ୍ଦ' ପଦଟିକୁ କବିଙ୍କର ନାମ ବୋଲି ସନ୍ଦେହ କରିପାରନ୍ତି । କିନ୍ତୁ ଅନ୍ୟ ପାଣ୍ଡୁଲିପିଙ୍କ ଗ୍ରନ୍ଥରେ କବି ବନମାଳୀ ନାମ ଭଣିତା ଥିବାରୁ ଏଠାରେ 'ଗୋବିନ୍ଦ' ପଦ ନାରାୟଣଙ୍କ ଅର୍ଥରେ ବ୍ୟବହୃତ ହୋଇଛି ବୋଲି ନିଃସନ୍ଦେହରେ ଧାରଣା କରିବାକୁ ହେବ ।